ଆଜି - ମଙ୍ଗଳବାର
ତାରିଖ - ୨୪ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୧୦
ତିଥି - ଷଷ୍ଠୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ରୋହିଣୀ, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୫୧:୦୦
ସୂର୍ଯ୍ୟାସ୍ତ - ୫ : ୫୫ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର

E-News : www.theajikali.com

Vol.- 40 ISSUE- 339 R.N.I. REGD. No. 44026/86 ବାଲେଶ୍ୱର ୨୪ ମାର୍ଚ୍ଚ ୨୦୨୬ ମଙ୍ଗଳବାର BALASORE 24 MARCH 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ପଂଚମ ଦିବସରେ ମା'ଙ୍କ 'ସ୍କନ୍ଦମାତା' ବେଶ ॥

## ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଉପରେ ଲୋକସଭାକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଲୋକସଭାରେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ଏହା ଭାରତ ପାଇଁ ସୃଷ୍ଟି କରିଥିବା ବ୍ୟାପକ ଚ୍ୟାଲେଞ୍ଜ ଉପରେ ଉଦବୋଧନ ଦେଇଛନ୍ତି । ଏହି ସଙ୍କଟ ବର୍ତ୍ତମାନ ତିନି ସପ୍ତାହରୁ ଅଧିକ ସମୟ ଧରି ଜାରି ରହିଛି ଏବଂ ବିଶ୍ୱ ଅର୍ଥନୀତି ଏବଂ ମାନବ ଜୀବନ ପାଇଁ ଏହାର ଗଭୀର ପ୍ରତିକୂଳ ପରିଣାମ ଦେଖାଦେଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସମାଧାନର ଜରୁରୀତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ଉଜାଗର କରି ଶ୍ରୀ ମୋଦୀ କହିଛନ୍ତି, 'ସମଗ୍ର ବିଶ୍ୱ ଏହି ସଙ୍କଟର ଯଥାଶୀଘ୍ର ସମାଧାନ ପାଇଁ ସମସ୍ତ ପକ୍ଷଙ୍କୁ ଅନୁରୋଧ କରୁଛି ।'ଭାରତ ସାମ୍ନାରେ ଥିବା ଚ୍ୟାଲେଞ୍ଜର ପ୍ରକୃତି ବିଷୟରେ ବିସ୍ତାର କରି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି ଯେ ଯୁଦ୍ଧ ଅଭୂତପୂର୍ବ ଅର୍ଥନୈତିକ, ଜାତୀୟ ସୁରକ୍ଷା ଏବଂ ମାନବିକ ଚାପ ସୃଷ୍ଟି କରିଛି । ସେ ଉଲ୍ଲେଖ କରିଛନ୍ତି ଯେ ଯୁଦ୍ଧରତ ଏବଂ ଯୁଦ୍ଧ ପ୍ରଭାବିତ ଦେଶମାନଙ୍କ ସହିତ ଭାରତର ବ୍ୟାପକ ବାଣିଜ୍ୟ ସମ୍ପର୍କ ରହିଛି, ସଂଘର୍ଷ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥଗୁଡ଼ିକୁ ବିସ୍ତାର କରିଥାଏ ଏବଂ ଭାରତର ଅଶୋଧିତ ତୈଳ ଏବଂ ଗ୍ୟାସ ଆବଶ୍ୟକତାର ଏକ ବଡ଼ ଅଂଶ ଏହି କ୍ଷେତ୍ର ଦ୍ୱାରା ପୂରଣ କରାଯାଏ । ଉପସାଗରୀୟ ଦେଶଗୁଡ଼ିକରେ ବାସ କରୁଥିବା ଏବଂ କାମ କରୁଥିବା ପ୍ରାୟ ଏକ କୋଟି ଭାରତୀୟ ଏବଂ ସେହି ଜଳଭାଗରେ ବାଣିଜ୍ୟିକ ଜାହାଜରେ ଥିବା ଉଲ୍ଲେଖନୀୟ ସଂଖ୍ୟକ ଭାରତୀୟ କ୍ରୁ ସଦସ୍ୟଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ ଦୃଢ଼ ଭାବରେ କହିଛନ୍ତି, 'ଭାରତର ଚିନ୍ତା ସ୍ୱାଭାବିକ ଭାବରେ ଅଧିକ, ଏବଂ ତେଣୁ ଏହି ସଙ୍କଟ ଉପରେ ଭାରତର ସଂସଦରୁ ବିଶ୍ୱକୁ ଏକଜୁଟ ଏବଂ ସର୍ବସମ୍ମତ ସ୍ୱର ଉଠାଇବା ଅତ୍ୟନ୍ତ ଜରୁରୀ ।' ଭାରତୀୟ ନାଗରିକଙ୍କ ସୁରକ୍ଷା ପାଇଁ ସରକାରଙ୍କ ତ୍ୱରିତ ପ୍ରତିକ୍ରିୟା ବିଷୟରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଗୃହକୁ ସୂଚନା ଦେଇଥିଲେ ଯେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରଭାବିତ ଦେଶମାନଙ୍କରେ ଥିବା ପ୍ରତ୍ୟେକ ଭାରତୀୟଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଛି । ସେ ଅଧିକାଂଶ ପଶ୍ଚିମ ଏସୀୟ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ ଦୁଇଟି ପର୍ଯ୍ୟାୟରେ ବ୍ୟକ୍ତିଗତ ଭାବରେ କଥା ହୋଇଛନ୍ତି ବୋଲି କହି, ଯେଉଁମାନେ ସମସ୍ତେ ଭାରତୀୟଙ୍କ ସୁରକ୍ଷା ସମ୍ପର୍କରେ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି, ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ, 'ଆହତମାନଙ୍କୁ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରାଯାଉଛି, ଏବଂ ଏପରି କଠିନ ପରିସ୍ଥିତିରେ, ଶୋକସନ୍ତପ୍ତ ପରିବାରକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।' ପ୍ରଧାନମନ୍ତ୍ରୀ ବିଦେଶରେ ଥିବା ଭାରତୀୟମାନଙ୍କ ପାଇଁ ସକ୍ରିୟ କନସୁଲାର ଏବଂ ସାଂସ୍ଥାଗତ ସହାୟତା ଢାଂଚା ବିଷୟରେ ଆହୁରି ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ପ୍ରଭାବିତ ଦେଶଗୁଡ଼ିକରେ ଥିବା ସମସ୍ତ ଭାରତୀୟ ମିଶନ ନିରନ୍ତର ସହାୟତା ପ୍ରଦାନ କରୁଛନ୍ତି, ନିୟମିତ ପରାମର୍ଶ ଜାରି କରୁଛନ୍ତି ଏବଂ ଭାରତ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶଗୁଡ଼ିକରେ ୨୪/୭ ନିୟନ୍ତ୍ରଣ କକ୍ଷ ଏବଂ ଜରୁରୀକାଳୀନ ହେଲ୍ପଲାଇନ୍ ପ୍ରତିଷ୍ଠା କରାଯାଇଛି । ସକ୍ରିୟ ପ୍ରସାରକୁ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଏହି ବ୍ୟବସ୍ଥା ମାଧ୍ୟମରେ, ସମସ୍ତ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସୂଚନା ପ୍ରଦାନ କରାଯାଉଛି, ସେମାନେ ଭାରତୀୟ ଶ୍ରମିକ କିମ୍ବା ପର୍ଯ୍ୟଟକ ହୁଅନ୍ତୁ ।' ପ୍ରଧାନମନ୍ତ୍ରୀ ଗୃହକୁ ସୂଚନା ଦେଇ କହିଥିଲେ ଯେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩,୭୫,୦୦୦ ରୁ ଅଧିକ ଭାରତୀୟ ସୁରକ୍ଷିତ ଭାବରେ ଭାରତ ଫେରିଛନ୍ତି, ଯେଉଁଥିରେ କେବଳ ଇରାନରୁ ପ୍ରାୟ ୧,୦୦୦ ଭାରତୀୟ ଅଛନ୍ତି, ଯାହାଙ୍କ ମଧ୍ୟରୁ ୭୦୦ ରୁ ଅଧିକ ଯୁବ ଡାକ୍ତରୀ ଛାତ୍ର । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଉଭୟର ଉପସାଗରୀୟ ଦେଶଗୁଡ଼ିକରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ନିର୍ଦ୍ଧାରିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ କରିଛି ଏବଂ ଶିକ୍ଷାର ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି ।



## ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ମାଓ ମୁକ୍ତ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ସରି ଆସିଲାଣି ଡେଡଲାଇନ୍ । ମାର୍ଚ୍ଚ ୩୧ ସୁଦ୍ଧା ମାଓମୁକ୍ତ ହେବ ଓଡ଼ିଶା । ଏବେ ରାଜ୍ୟରେ ଲୁଚିଛନ୍ତି ୧୫ ମାଓବାଦୀ । କନ୍ଧମାଳ-କଳାହାଣ୍ଡି-ରାୟଗଡ଼ାରେ ୧୫ଜଣ ମାଓବାଦୀ ରହିଛନ୍ତି । ସୀମାନ୍ତରେ ମାଓ ଅପରେସନ ଜୋରଦାର୍ କରାଯାଇଛି । ନକ୍ସଲମାନେ ଆତ୍ମସମର୍ପଣ ନ କଲେ ସେମାନଙ୍କୁ ଦମନ କରାଯିବ । ଏନେଇ ବିଧାନସଭାରେ ଉତର ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୂଚନା ଅନୁଯାୟୀ, ଗତ ଦୁଇ ବର୍ଷରେ ୨୦୨୬ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାଜ୍ୟରେ ୯୬ ଜଣ ମାଓବାଦୀ ଏବଂମଲିସିଆ ଆତ୍ମସମର୍ପଣ କରିଛନ୍ତି । କନ୍ଧମାଳ ଜିଲ୍ଲାକୁ ମାଓବାଦୀ ପ୍ରଭାବିତ ଜିଲ୍ଲା ଭାବରେ ବିବେଚିତ କରାଯାଉଛି । ୮ ଟି ଜିଲ୍ଲା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଏବଂ ରାୟଗଡା ଜିଲ୍ଲା ଗୁଡିକୁ ମାଓମୁକ୍ତ ଜିଲ୍ଲା ଭାବରେ ବିବେଚନା କରାଯାଉଛି । ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ହେବ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ହେବ ।

## ଆସନ୍ତାକାଲିଠୁଁ ହେବ ରତ୍ନଭଣ୍ଡାର ଗଣତି ମଣତି

ପୁରୀ: ଆସନ୍ତାକାଲିଠାରୁ ଶୁଭ ମୁହୂର୍ତରେ ରତ୍ନଭଣ୍ଡାରର ଗଣତି ମଣତି ଆରମ୍ଭ ହେବ । ମହାପ୍ରଭୁଙ୍କ ନିତୀକାନ୍ତିରେ ଯେପରି କୌଣସି ବାଧା ନଆସିବ ଏବଂ ଭକ୍ତମାନଙ୍କ ଦର୍ଶନରେ ଯେମିତି କିଛି ଅସୁବିଧା ନହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି । ପ୍ରଥମେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ତେବେ ସୂଚନା ଥାଉକି, ୨୫ ତାରିଖ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ମଧାହ୍ନ ୧୨ଟା ୦୯ ରୁ ଦିନ ଗୋଟାଏ ୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି । ଏହି ପ୍ରକ୍ରିୟାର ଭିଡ଼ିଓଗ୍ରାଫି,ଫଟୋଗ୍ରାଫି ଓ ୩ଡ ମ୍ୟାପିଂ କରାଯିବ । ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତି ମଣତି ହେବ । ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ସହ ଏହାର ମେଳ କରାଯିବ ।

## ଅଳ୍ପରେ ଖବର

- ପ୍ରୟାଗରାଜର ଫାଫାମଉ ଅଂଚଳରେ ଏକ କୋଲ୍ଡ ଷ୍ଟୋରେଜର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଛି । ଦୁର୍ଘଟଣାରେ ଏବେସୁଦ୍ଧା ୯ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଘଟଣା ସମୟରେ ସେଠାରେ କାମ କରୁଥିବା ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ଯାଇଥିଲେ ।
- ପଡୋଶୀ ଦେଶ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ହେତୁ ସେହି ଦେଶର ନାଗରିକମାନେ ଭାରତ ବିଶେଷ କରି ଆସାମରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି ।
- ରାଜ୍ୟରେ ଅଛନ୍ତି ୧୫ ମାଓବାଦୀ । କନ୍ଧମାଳ - କଳାହାଣ୍ଡି -ରାୟଗଡା ଜିଲ୍ଲା ସୀମାବର୍ତୀ ଅଳ୍ପ କିଛି ଅଂଚଳରେ ଅଛନ୍ତି ୧୫ ମାଓବାଦୀ । ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ମାଓବାଦୀ ଉପସ୍ଥିତ ନାହାନ୍ତି । ଗତ ଦୁଇ ବର୍ଷରେ ୨୦୨୬ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାଜ୍ୟରେ ୯୬ ଜଣ ମାଓବାଦୀ /ମଲିସିଆ ଆତ୍ମସମର୍ପଣ କରିଛନ୍ତି ।
- କୋଇଲା ବୋଝେଇ ମାଲବାହୀ ଟ୍ରେନ ଲାଇନ ଚ୍ୟୁତ । ଅଟକିଲା ବନ୍ଦେ ଭାରତଏକ୍ସପ୍ରେସ ସମେତ ୩ ଟି ପାସେଞ୍ଜର ଟ୍ରେନ୍ । ୪ ଘଂଟା ଧରି ବାଟରେ ଅଟକି ରହିଛି ଏସବୁ ଟ୍ରେନ୍ ।

## ପ୍ରଯୁକ୍ତି ବିଦ୍ୟା ଓ ଡିଜିଟାଲ କଂଟେଂଟକୁ ପ୍ରୋତ୍ସାହନ ଦେଉଛନ୍ତି ସରକାର : ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ତିନୋଟି ପ୍ରମୁଖ ଉପକ୍ରମର ଘୋଷଣା କରିଛନ୍ତି । ଏସବୁ ଉପକ୍ରମ ଭାରତର ଗଣମାଧ୍ୟମ, ପ୍ରସାରଣ ଏବଂ ଡିଜିଟାଲ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବ । ଏହି ତିନୋଟି ଉପକ୍ରମରୁ ପ୍ରଥମଟି ହେଉଛି- ଏଆଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ । ଗୁଗଲ ଏବଂ ୟୁଟ୍ୟୁବର ସହଭାଗିତାରେ ଭାରତର ସୃଜନଶୀଳ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇସିଟି) ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ । ଦ୍ୱିତୀୟ ଉପକ୍ରମଟି ହେଉଛି ୱେଭ୍ସ ଓଟିଟି ପ୍ଲାଟଫର୍ମ ଜରିଆରେ ନାଗରିକଙ୍କୁ କଂଟେଂଟ ବା କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସହାୟତା କରିବା ଲାଗି ମାଇ ୱେଭ୍ସ ପ୍ଲାଟଫର୍ମର ଶୁଭାରମ୍ଭ । ଏହାସହିତ ଡିଡି ଫ୍ରି' ଡିଶ ସେବାର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଟେଲିଭିଜନ ସେଟରେ ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ପ୍ରୋଗ୍ରାମ୍ ଗାଇଡ୍ (ଇପିଜି) ଏବଂ ଇନ୍-ବିଲ୍ଟ ସାଟେଲାଇଟ୍ ଟ୍ୟୁନରର ପ୍ରଚଳନ କରାଯାଇଛି । ଏହା ଦେଶରେ 'ଅରେଞ୍ଜ ଇକୋନୋମି'କୁ ପ୍ରୋତ୍ସାହନ ଦେବ ଏବଂ ସାର୍ବଜନୀନ ପ୍ରସାରଣକୁ ସୁଦୃଢ଼ କରିବ । ଏସବୁ ଉପକ୍ରମ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଏକ ଏଆଇ ଦକ୍ଷ ଶ୍ରମଶକ୍ତି ପ୍ରସ୍ତୁତ କରିବାରେ ମଧ୍ୟ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପର ପ୍ରତିନିଧି, ୟୁଟ୍ୟୁବ୍ ଇଣ୍ଡିଆର ମୁଖ୍ୟ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ଏହି ପଦକ୍ଷେପଗୁଡ଼ିକ ପ୍ରଯୁକ୍ତିବିଦ୍ୟାକୁ ଅଧିକ ସୁଲଭ ଏବଂ ସହଜଲଭ୍ୟ କରିବ । ଇନ-ବିଲ୍ଟ ସାଟେଲାଇଟ୍ ଟ୍ୟୁନର ଏବଂ ଉନ୍ନତ ପ୍ରୋଗ୍ରାମ ଗାଇଡ୍ ସହିତ ନାଗରିକମାନେ ବିନା କୌଣସି ଅତିରିକ୍ତ ଉପକରଣରେ ବିଭିନ୍ନ କାର୍ଯ୍ୟକ୍ରମକୁ ସହଜରେ ଦେଖିପାରିବେ । କେନ୍ଦ୍ର ମନ୍ତ୍ରୀ ମାଇ ୱେଭ୍ସକୁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ଭାବରେ ବର୍ଣ୍ଣନା କରିଥିଲେ ।

### ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାରେ ଶ୍ରମିକଙ୍କ ପାଇଁ କଟକଣା

## ଦିନ ୧୧ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାମ କରିବା ମନା



ଭୁବନେଶ୍ୱର: ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକମାନଙ୍କ ନିମନ୍ତେ ନୂଆ ଗାଇଡ୍‌ଲାଇନ୍ ଜାରି ହୋଇଛି । ଏପ୍ରିଲ ୧ରୁ ଜୁନ୍ ୧୫ ମଧ୍ୟରେ ଦିନ ୧୧ରୁ ଅପରାହ୍ଣ ୩ଟା କାମ ମନା । ସମସ୍ତ ବାଣିଜ୍ୟ, ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଏହି କଟକଣା ଲାଗୁ ରହିବ । ଏପ୍ରିଲ ମାସ ୧ ତାରିଖରୁ ଜୁନ ମାସ ୧୫ ତାରିଖ ଯାଏଁ ପ୍ରତ୍ୟହ ପୂର୍ବାହ୍ନ ୧୧ ଘଂଟାରୁ ଅପରାହ୍ଣ ୩ଟା ମଧ୍ୟରେ ଶ୍ରମିକଙ୍କୁ କାର୍ଯ୍ୟରେ ନଲଗାଇବାକୁ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ କୁହାଯାଇଛି । ଯଦି କୌଣସି ଜରୁରୀ ତେବେ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ନେବାକୁ କୁହାଯାଇଛି । ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ । ଏଥିରେ ବିଶେଷ କରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓ.ଆର.ଏସ. ପ୍ୟାକେଟର ବ୍ୟବସ୍ଥା କରିବା ବାଧ୍ୟତାମୂଳକ ଅଟେ ।

## ଓଡ଼ିଶାରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ରହିଛି : ମନ୍ତ୍ରୀ



ଭୁବନେଶ୍ୱର : ସରକାର ସ୍ପଷ୍ଟ କରିଛନ୍ତି — ଓଡ଼ିଶାରେ ବର୍ତ୍ତମାନ କୌଣସି ଗ୍ୟାସ ସଙ୍କଟ ନାହିଁ, ପର୍ଯ୍ୟାପ୍ତ ମହଜୁଦ ରହିଛି । ସିଲିଣ୍ଡର ଗ୍ୟାସ ମହଜୁଦ ରହିଥିବାରୁ ଲୋକଙ୍କୁ ଭୟଭୀତ ହେବାର କୌଣସି କାରଣ ନାହିଁ ।ପୂର୍ବରୁ କମର୍ସିଆଲ ଗ୍ୟାସ ବଂଟନ ୨୦ ପ୍ରତିଶତ ରହିଥିଲା । ବର୍ତ୍ତମାନ କେନ୍ଦ୍ର ସରକାର ଆଉ ୨୦ ପ୍ରତିଶତ ମଞ୍ଜୁର କରିଥିବାରୁ, ବିଶେଷ କରି ରେଷ୍ଟୁରାଂଟ ଓ ହୋଟେଲ ମାନଙ୍କୁ ସହଜତା ମିଳିବ । ଏହା ସହ ଆଉ ୧୦ ପ୍ରତିଶତ ବଢ଼ାଇବା ପାଇଁ ଆଲୋଚନା ଚାଲିଛି । ସେଥିପାଇଁ ଶୀଘ୍ରେ କମର୍ସିଆଲ ଗ୍ୟାସ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ପୂରଣ ହେବା ଆଶା କରାଯାଉଛି ।ଆଜିଠାରୁ କମର୍ସିଆଲ ସଂସ୍ଥାମାନଙ୍କୁ ୪୦ ପ୍ରତିଶତ ଗ୍ୟାସ ଯୋଗାଣ ଆରମ୍ଭ ହେବ । କେନ୍ଦ୍ର ପକ୍ଷରୁ ଆଉ ୧୦ ପ୍ରତିଶତ ପାଇଁ କିଛି ସର୍ତ୍ତ ରହିଛି, ଯାହାକୁ ପୂରଣ କରିବାରେ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସାଧାରଣ ଗ୍ରାହକଙ୍କ ପାଇଁ ଗ୍ୟାସ ବଂଟନ ସାଧାରଣ ଭାବେ ଚାଲିଛି ଏବଂ କୌଣସି ବିଘ୍ନ ନାହିଁ । ଯଦି କୌଣସି ଅଭିଯୋଗ ଆସେ, ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ମେ ୨୯ରେ ଓଟିଇଟି-୨୦୨୬ ପରୀକ୍ଷା
## ଆସନ୍ତା ୨୬ରୁ ଅନଲାଇନ୍ ଆବେଦନ




କଟକ: ଓଟିଇଟି -୨୦୨୬ ପରୀକ୍ଷା ମେ ୨୯ ତାରିଖରେ ହେବ । ଆସନ୍ତା ୨୬ରୁ ଏପ୍ରିଲ ୯ ତାରିଖ ମଧ୍ୟରେ ଅନଲାଇନ୍ ଆବେଦନ ।ଏ ନେଇ ସୋମବାର ମାଧ୍ୟମିକ ଶିକ୍ଷା ବୋର୍ଡ ଓଡ଼ିଶା ପକ୍ଷରୁ ପ୍ରବେଶିକା ପରୀକ୍ଷାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ସରକାରୀ ୱେବସାଇଟ୍ www.bseodisha.nic.in ରେ ଅନଲାଇନରେ ଆବେଦନ କରିପାରିବେ ଯୋଗ୍ୟ ପ୍ରାର୍ଥୀମାନେ । ସୂଚନାଥାଉକି, ଫି ଦେୟ ଏବଂ ଫର୍ମ ଦାଖଲ ୯ ଏପ୍ରିଲ ରାତି ୧୧.୪୫ ସୁଦ୍ଧା ଅନଲାଇନ୍ ମୋଡ୍ ମାଧ୍ୟମରେ କରାଯିବ । ଓଟିଇଟି ୨୦୨୬ ଆଡମିଟ୍ କାର୍ଡ ୧୫ ମେ ଠାରୁ ଉପଲବ୍ଧ ହେବ । ଓଟିଇଟି ୨୦୨୬ ପେପର-୧ ସକାଳ ୯ ଟାରୁ ୧୧ଟା ୩୦ମଧ୍ୟରେ ଅନୁଷ୍ଠିତ ହେବ ଓ ପେପର-୨ ଅପରାହ୍ଣ ୨ ଟାରୁ ୪ଟା ୩୦ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ୧୬ ଏପ୍ରିଲରୁ ଭାରତ ଇତିହାସରେ ପ୍ରଥମ ଡିଜିଟାଲ ଜନଗଣନା




ଭୁବନେଶ୍ୱର: ୧୬ ଏପ୍ରିଲରୁ ୧୫ ମେ, ୨୦୨୬ ପର୍ଯ୍ୟନ୍ତ ସାରା ରାଜ୍ୟରେ ଜନଗଣନା କରାଯିବ । ରାଜ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି ଜନଗଣନା ପ୍ରସ୍ତୁତି । ଏନେଇ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି । ଗାଁରେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଜନଗଣନାକାରୀ । ଏଥିରେ ୩୩ଟି ସରଳ ପ୍ରଶ୍ନ ମାଧ୍ୟମରେ ନିଜ ତଥ୍ୟ ନିଜେ ପ୍ରଦାନ କରିପାରିବେ । ପ୍ରାଥମିକ ଶିକ୍ଷକଙ୍କୁ ଗଣନାକାରୀ ଭାବେ ନିଯୁକ୍ତ କରାଯିବାର ଯୋଜନା ରହିଥିବାବେଳେ ହାଇସ୍କୁଲର ଶିକ୍ଷକମାନେ ସୁପରଭାଇଜର ଭାବରେ କାର୍ଯ୍ୟ କରିବେ । ଭାରତୀୟ ଜନଗଣନା ଇତିହାସରେ ଏଥର ହେଉଛି ପ୍ରଥମ ଡିଜିଟାଲ ଗଣନା । ଲକ୍ଷେରୁ ଅଧିକ କର୍ମଚାରୀ ସାମିଲ ହେବେ ବୋଲି ଜନଗଣନା ନିର୍ଦ୍ଦେଶକ କହିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ଜନଗଣନା କର୍ମଚାରୀମାନେ ଏହି ପର୍ଯ୍ୟାୟରେ ଘର ଚିହ୍ନଟ କରିବା ଏବଂ ପରିବାର ସମ୍ପତି ସମ୍ବନ୍ଧୀୟ ମୌଳିକ ସୂଚନା ସଂଗ୍ରହ କରିବା ପାଇଁ ଘର ଘର ବୁଲିବେ । କର୍ତ୍ତୃପକ୍ଷମାନେ ଆଉ ଏକ ବିକଳ୍ପ ମଧ୍ୟ ପ୍ରଦାନ କରିଛନ୍ତି । ଯେଉଁମାନେ ନିଜେ ସେମାନଙ୍କର ବିବରଣୀ ଦାଖଲ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ୧ ଏପ୍ରିଲରୁ ୧୫ ଏପ୍ରିଲ ୨୦୨୬ ମଧ୍ୟରେ ନିଜେ ନିଜ ତଥ୍ୟ ଦେଇପାରିବେ । ଏହି ୧୫ ଦିନର ସମୟ ଦ୍ୱାର-ଦ୍ୱାର ବୁଲି ଘର ଗଣନା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଉପଲବ୍ଧ ହେବ । ପ୍ରଥମ ପର୍ଯ୍ୟାୟ ଘର ଗଣନା ଉପରେ ଧ୍ୟାନ ଦିଆଯିବା ସହିତ ଫେବୃଆରୀ ୨୦୨୭ରେ ଆରମ୍ଭ ହେବାକୁ ଥିବା ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟକ୍ତିଗତ ଜନସଂଖ୍ୟାଗତ ବିବରଣୀ ସଂଗ୍ରହ କରିବା ପାଇଁ ଘର ଘର ବୁଲି ଜନଗଣନା କାର୍ଯ୍ୟ ହେବ ।

# ଶୈଳବାଳା ମହିଳା କଲେଜରେ 'ଛାତ ଉପର ବଗିଚା ଓ ସୁସ୍ଥ ଜୀବନ ପାଇଁ ଉଦ୍ୟାନ କୃଷି' ବିଷୟରେ ସେମିନାର

କଟକ(ନିପ୍ର): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ସେମିନାର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରୀ, ଅଧ୍ୟାପକମାନେ ଓ ଆମନ୍ତ୍ରିତ ଅତିଥିମାନଙ୍କର ସକ୍ରିୟ ଉପସ୍ଥିତି ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଡ଼. ସୋମାନି ଜେଠିଙ୍କ ଦ୍ୱାରା ଅତିଥିମାନଙ୍କୁ ମଂଚରେ ସ୍ୱାଗତ କରାଯାଇଥିଲା । ପରେ ପାରମ୍ପରିକ ଭାବରେ ପ୍ରଦୀପ ପ୍ରଜ୍ୱଳନ, ଫୁଲଗୁଚ୍ଛ ଅର୍ପଣ ଓ ବ୍ୟାଜ୍ ପିନ୍ଧାଇ ସମ୍ମାନ ଜଣାଯାଇଥିଲା । ଏକ ସୁନ୍ଦର ସ୍ୱାଗତ ସଙ୍ଗୀତ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ସ୍ୱାଗତ ଭାଷଣ ରଖି ଏପରି ଶିକ୍ଷାମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ବିଭାଗୀୟ ମୁଖ୍ୟ ଡ଼. ଏ.କେ. ଖୁଣ୍ଟିଆର ତାଙ୍କ ଭାଷଣରେ ଗବେଷଣା ଓ ନବୀନତାର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ । ସେମିନାରର ଛାତ୍ରୀ ପ୍ରତିନିଧି ଅଲିଭା ଦଳାଇ, ସମୀକ୍ଷ୍ୟା ମହାପାତ୍ର ଓ ଡ଼. ସ୍ମରଣିକା ଦାସଙ୍କ ସମନ୍ୱୟରେ ଅତିଥିମାନଙ୍କ ଦ୍ୱାରା ସେମିନାର ବୁଲେଟିନ୍ 'ବସ୍କେନ୍' ଓ 'ବଟବୃକ୍ଷ' ଉନ୍ମୋଚିତ ହୋଇଥିଲା । ସେମିନାରର ଉପଦେଷ୍ଟା ଡ଼. ପି.କେ. ସାମନ୍ତ ରାୟ ବିଷୟବସ୍ତୁ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ଅତିଥିମାନଙ୍କ ପରିଚୟ ଶ୍ରୀମତୀ ଦୁଲାଲିବାଳା ହେମ୍ବ୍ରମ ଦେଇଥିଲେ । ଏହି ସେମିନାରର ମୁଖ୍ୟ ଆକର୍ଷଣ ଥିଲେ ସମ୍ମାନୀୟ ସମ୍ପଦ ବ୍ୟକ୍ତି ଡ଼. ପି. ଶ୍ରୀନିବାସ, ମୁଖ୍ୟ ବୈଜ୍ଞାନିକ, ସି ଏଚ ଇ ଏସ, ଭୁବନେଶ୍ୱର, ଯିଏ ନଗର ଉଦ୍ୟାନ ଚାଷ ଓ ଛାତ ଉପର ବଗିଚା ସମ୍ବନ୍ଧୀୟ ନବୀନ ଦିଗ ଉପରେ ସାରଗର୍ଭକ ସନ୍ଦର୍ଭ ଅଲୋଚନା କରିଥିଲେ । ଅତିଥି ସମ୍ମାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଶେଷରେ ଶ୍ରୀମତୀ ସରସ୍ୱତୀ ମାଝି ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ ।ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କର ପ୍ରତିଭା ପ୍ରକାଶ ପାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଛାତ୍ରୀମାନଙ୍କ ପାଇଁ ଏକ ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟକ ଅନୁଭବ ରୂପେ ପ୍ରମାଣିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହେମାଦ୍ରି କେଶରୀ ସ୍ୱାଇଁ, ଅଭିଲିପ୍ସା ପତି, ପ୍ରଜ୍ଞା ପାରମିତା ପ୍ରଧାନ, ମାନସ କଲ୍ୟାଣ ମହାନ୍ତି, ଗଙ୍ଗାଧର ସେଠୀ, ନନ୍ଦା ଦେବୀ ରାଉତ, ସଲଖାନ ମୁର୍ମୁ, ଶେଖ୍ ଜାବିର ସହଯୋଗ କରିଥିଲେ ।

# କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୧୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୭ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ପାଇଁ ୨୦ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୫ ଟି, ଭତା ପାଇବା ପାଇଁ ୪ଟି, ପୋଲିସ ସହାୟତା ପାଇଁ ୭ ଟି ଏବଂ ଅନ୍ୟାନ୍ୟ ୨୭ ଟି ଅଭିଯୋଗର ଶୁଣାଣି କରାଯାଇ ଥିଲା । ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଆରକ୍ଷୀ ଅଧିକ୍ଷକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ, ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, କୁଜଙ୍ଗ, ସ୍ୱରୂପ ନନ୍ଦନ ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।

# ରୋଗୀ ସଂଖ୍ୟା ବଢୁଛି ଚିକିତ୍ସା ସେବା କମୁଛି

ସୋର(ନିପ୍ର): ସୋର ବ୍ଲକ ମହୁମୁହାଣ ପଂଚାୟତ ବାଗୁଡ଼ି ଠାରେ ୧୦୭୦ମସିହାରୁ ପ୍ରତିଷ୍ଠିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ରୋଗୀ ମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଉଥିବା ବେଳେ ଚିକିତ୍ସା ସେବା ସୁବିଧା ନଥିବାରୁ ରୋଗୀମାନେ ନିରାଶ ହୋଇ ଅନ୍ୟ ଦୂରଦୂରାନ୍ତକୁ ଯିବା ପାଇଁ ବାଧ୍ୟହେଉଛନ୍ତି । ପାହାଡ଼ିଆ ଏବଂ ଖଣି ଖାଦାନ ଅଂଚଳ ତଥା ଆଖପାଖର ବସବାସ କରୁଥିବା ହଜାର ହଜାର ଗରିବ ଖଟିଖିଆ ଲୋକେଏହି ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ଏଠାରେ ଦୈନିକ ୧୨୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ସ୍ଥଳେ ଏଠାରେ ଜଣେ ଡାକ୍ତର ଏବଂ ଅଳ୍ପ ସଂଖ୍ୟକ କର୍ମଚାରୀ ଥିବା ଯୋଗୁଁ ଉପଯୁକ୍ତ ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି । ଏଠାକାର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ୪ର୍ଥ ଶେଣୀ କର୍ମଚାରୀ ଓ ଅନ୍ୟ କେତେକ ପଦବୀ ଖାଲି ପଡ଼ିଛି । କର୍ମଚାରୀମାନଙ୍କ ପାଇଁ ରହିବାକୁ କ୍ୱାଟର ନାହିଁ । ଏହାର ଗେଟ୍ ନାହିଁ, ଉପଯୁକ୍ତ ଉଚ୍ଚତା ବିଶିଷ୍ଟ ପାଚେରି ନାହିଁ । ହସପିଟାଲ ଚୁପାଶ୍ୱର୍ରେ ଖାଲଡିପ ଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନପାରି ଜମି ରହୁଥିବାରୁ ରୋଗୀମାନଙ୍କର ଯିବା ଆସିବାରେ ଅସୁବିଧା ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଆମୀ ବର୍ଷାଦିନରେ ଏହି ପରିସ୍ଥିତି ଆହୁରି ଅସମ୍ଭାଳ ହେବାକୁ ଯାଉଛି । ଗୋରୀମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସେହି ଅନୁସାରେ କର୍ମଚାରୀ ଓ ଡାକ୍ତର ସଂଖ୍ୟା ବୃଦ୍ଧିର ଆବଶ୍ୟକତା ଜରୁରୀ ହୋଇପଡୁଛି । ଆଗାମୀ ଦିନରେ ଏଠାରେ 'ପ୍ରସବ ସେବା' ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି ।

# ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଂଘନ ସଂଶୋଧନ କର୍ମଶାଳା ଅନୁଷ୍ଠିତ




ଧାମନଗର(ନିପ୍ର): ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୋବଲ ପଂଚାୟତ ସୋଧ ଠାରେ ଶାସକ ଦଳ ବିଜେପି ପକ୍ଷରୁ ମୁକୁନ୍ଦଦେବ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଂଶୋଧନ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଗଣତନ୍ତ୍ରର ମହାକୁମ୍ଭରେ ପ୍ରତିଟି ଯୋଗ୍ୟ ନାଗରିକଙ୍କ ସହଭାଗିତା ସୁନିଶ୍ଚିତ କରିବା ଏବଂ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ସଚେତନ ନାଗରିକର ଦାୟିତ୍ୱ । କୌଣସି ଜଣେ ବି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନପଡ଼ନ୍ତି, ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ । ଏହି ଅବସରରେ ଶତାଧିକ ଉତ୍ସାହୀ ଯୁବକର୍ମୀଙ୍କୁ ଭୋଟର ପଞ୍ଜୀକରଣ, ନାମ ସଂଶୋଧନ ଓ ଫର୍ମ ପୂରଣ ପ୍ରକ୍ରିୟା ଉପରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା । ଭୋଟର ତାଲିକାରେ ରହିଯାଉଥିବା ବୈଷୟିକ ତ୍ରୁଟି ଦୂର କରିବା, ନୂତନ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେଇ ଏକ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି ଆଲୋଚନା କରାଯାଇଥିଲା । ଯୁବ କର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନ କରାଇବେ । ବିଶେଷ କରି ଗ୍ରାମାଂଚଳରେ ଡିଜିଟାଲ ସାକ୍ଷରତାର ଅଭାବ ଥିବାରୁ ଯୁବପିଢ଼ି ଅନଲାଇନ୍ ମାଧ୍ୟମରେ ଲୋକଙ୍କୁ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି । ଏହି କର୍ମଶାଳାରେ ଦୋବଲ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଥ୍ ସ୍ତରୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅଭିଯାନ ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ପ୍ରତିଟି ୱାର୍ଡରେ ଜୋରଦାର ଭାବେ ଚାଲିବ ବୋଲି ସୂଚନା ମିଳିଛି ।

## ପଖାଳ ଦିବସ ପାଳିତ

ଖଇରା(ନିପ୍ର): ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଶ୍ୱ ପଖାଳ ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି । ଘରକୁ ଆସିଥିବା ସମସ୍ତ ବିଜେଡି କର୍ମୀ ଓ ସମର୍ଥକଙ୍କୁ ନିଜ ହାତରେ ପଖାଳ ପରସି ଓଡିଆ ସଂସ୍କୃତିକୁ ପୁନର୍ଜ୍ଜିବିତ କରିଛନ୍ତି । ଏଥିସହ ସହକର୍ମୀ ଭାବେ ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳିର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୁର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ସହିତ ମିଶି ପଖାଳର ମଜା ନେଇଥିଲେ । ପଖାଳ ଶରୀରରେ ପ୍ରତିରୋଧକ ଶକ୍ତି ତଥା ହଜମ ପ୍ରକ୍ରିୟାକୁ ମଧ୍ୟ ବଢାଇଥାଏ । ଏଣୁ ଧନି ହେଉ କି ଗରୀବ ସମସ୍ତେ ପଖାଳ ଭୋଜନ କରିବା ଉଚିତ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ବାର୍ତ୍ତା ଦେବା ଅବସରରେ ପ୍ରକାଶ କରିଥିଲେ ।

# ରାଜ୍ୟସ୍ତରୀୟ ସମ୍ମାନିତ ଦୁଇ ବନ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୂଆପଡା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ ଠାରେ ଅଣ ଗେଜେଟେଟ ବନସେବା ସଂଘ ଖଡ଼ିଆଳ ବନଖଣ୍ଡ ପକ୍ଷରୁ ରାଜ୍ୟ ସ୍ତରୀୟ ସମ୍ମାନିତ ଦୁଇ ବନ କର୍ମଚାରୀ ଘଷିଏନ ପୋଡ଼ ଏବଂ ସୁଦାମ ବାଗ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅଣ ଗେଜେଟେଟ ବନସେବା ସଂଘ ଖଡ଼ିଆଳ ବନଖଣ୍ଡ ସଭାପତି ରମା ରଞ୍ଜନ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧିତ ସଭା ରେ ଏକ ସାଧାରଣ ସଭା ଆୟୋଜିତ ହୋଇ ଦୁଇ ଜଣଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରି ସମ୍ବର୍ଦ୍ଧିତ କରାଯାଇଥିଲା । ନୂଆପଡ଼ା ବନଖଣ୍ଡ ଅଧିନସ୍ତ କୋମନା ରେଞ୍ଜ ର ଫରେଷ୍ଟ ଗାର୍ଡ ଘଷିଏନ ପୋଡ଼ ଏବଂ ଖଡ଼ିଆଳ ରେଞ୍ଜ ଫରେଷ୍ଟର ସୁଦାମ ବାଗ ଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଭୁବନେଶ୍ୱର ଠାରେ ଆୟୋଜିତ ବିଶ୍ୱ ବନ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ସମ୍ମାନିତ କରାଯାଇଥିଲା, ଜଙ୍ଗଲ ଓ ପ୍ରାଣୀ ସୁରକ୍ଷାରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଯାଇ ସେମାନଙ୍କ କାର୍ଯ୍ୟ ଅନ୍ୟ କର୍ମଚାରୀ ମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ହେବ ବୋଲି ଉପସ୍ଥିତ ବନସେବା ସଂଘ ର ସଦସ୍ୟ ମାନେ କହିଛନ୍ତି କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଅଣ ଗେଜେଟେଟ ବନସେବା ସଂଘ ଉପସଭାପତି ଚିନ୍ମୟୀ ପାତ୍ର, ଉତମ କୁମାର ମେହେର, ପ୍ରସନ୍ନ ହଂସ, ପରମାନନ୍ଦ ତାଣ୍ଡି, ଖୁଲେଶ୍ୱରୀ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ଆମ ବନଖଣ୍ଡ ପାଇଁ ସମ୍ମାନିତ ଏଥିରେ ସବୁ କର୍ମଚାରୀ ଉତ୍ସାହିତ ହେବେ ଓ ନିଜର କାର୍ଯ୍ୟ ନିସ୍ୱାର୍ଥ ଭାବରେ କରିବେ ବୋଲି ଉପସ୍ଥିତ କର୍ମଚାରୀ ମାନେ କହିଥିଲେ ।

# ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର, ଉପ ଜିଲ୍ଲାପାଳ ଶିବ ମାଲଭିୟ, ବାଲେଶ୍ୱର ଏସ ପି ପ୍ରତ୍ୟୋଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର (ସିଡିଓ) ସଞ୍ଜୟ ରାଉତ, ସିଡ଼ିଏମଓ ଡା ପ୍ରଭାତ କୁମାର ବେହେରା, ବସ୍ତା ଏସଡିପିଓ ମାନସ କୁମାର ଦେଓ, ପଂଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକଙ୍କ ସହିତ ଅନ୍ୟ ବିଭାଗିୟ ଜିଲ୍ଲା ଅଧିକାରୀ ମାନେ ଯୋଗଦେଇ ଥିଲେ । ଏହି ଶିବିରରେ ଆବାସ ଯୋଜନାରୁ ୩, ଯୋଗାଣ ବିଭାଗର ୪, ଭତା ବିଭାଗରୁ ୨୦, ଅନ୍ୟାନ୍ୟ ୯୪ ଟି ଅଭିଯୋଗ କୁ ମିଶାଇ ମୋଟ ୧୨୧ ଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୭ ଟି ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିଲା । ସେହିପରି ଅନ୍ୟ ଅଭିଯୋଗ ଗୁଡ଼ିକୁ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା କଥା ବ୍ଲକ ପଂଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି କହିଛନ୍ତି । ଏହି ଶିବିରରେ ବାଲିଆପାଳ ବିଡିଓ ରାଧାରଂଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, ବାଲିଆପାଳ ବ୍ଲକ ଏଇ ଅମିତ କୁମାର ମୁର୍ମୁ ଙ୍କ ସହିତ ସମସ୍ତ ଲାଇନ ବିଭଗର ଅଧିକାରୀ ମାନେ ଉପସ୍ଥତ ଥିଲେ ।

# ଜିଲ୍ଲାସ୍ତରୀୟ ସହୀଦ ଦିବସ ପାଳିତ

ବୈଶିଙ୍ଗା(ନିପ୍ର): ବଡ଼ସାହି ବ୍ଲକ୍ ଶାଳଗାଁ ମେରା ଯୁବା ଭାରତ (ମାଇଁ ଭାରତ ) ଓ ଫୋର୍ଡ ନଖରା ମିଳିତ ଆନୁକୂଲ୍ୟରେ ସହୀଦ ଦିବସ ପାଳିତ ହୋଇଅଛି । ଏଥି ନିମନ୍ତେ ସଫେଇ କାର୍ଯ୍ୟକ୍ରମ ସହିତ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କର ପ୍ଲାକାର୍ଡ ଧରି ପଦ ଯାତ୍ରା କରାଯାଇ ଅଛି । ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ମଂଚ ପରିଚାଳନା କରିଥିଲେ ମୁଖ୍ୟ ଅତିଥି ସନ୍ତୋଷ କୁମାର ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ, ମୁଖ୍ୟ ବକ୍ତା ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଉଚ୍ଚ ବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବରେ ଚିତରଞ୍ଜନ ପୁହାଣ ବିଜ୍ଞାନ ଶିକ୍ଷକ, କାଳୀଚରଣ ସିଂ ପୂର୍ବତନ ସରପଂଚ ଓ ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ପଂଚାୟତ ସମିତି ସଭ୍ୟ ଯୋଗ ଦେଇଥିଲେ । ଦେଶ ପାଇଁ କାମ କରି ଅନେକ ମହାପୁରୁଷ ମାନେ ସହୀଦ ହୋଇଯାଇଥିଲେ ସେଥି ମଧ୍ୟରୁ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କର ଇଂରେଜ ବିରୁଦ୍ଧରେ ସାହସିକତାର କାର୍ଯ୍ୟାବଳୀ ପାଇଁ ସହୀଦ ହୋଇ ଯାଇଥିଲେ । ବୀର ମହାପୁରୁଷଙ୍କର କାର୍ଯ୍ୟାବଳୀ ଆଲୋଚନା କଲେ ଯୁବ ପିଢୀ ସମାଜ ପାଇଁ ପ୍ରେରଣା ଦାୟୀ ହୋଇ ପାରିବେ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ଯୁବକ ଯୁବତୀ ତଥା ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

No. 13001/772/2526

OFFICE OF THE BARIPADA MUNICIPALITY
BARIPADA, MAYURBHANJ- 757001
Tel: 06792-252703
Website: www.baripadamunicipality.in e-mail: baripadam.hud@od.gov.in

No. 831 / PW / Date: 20.03.2026

REQUEST FOR PROPOSAL (RFP)

| | | |
|---|---|---|
| 1. | Name of the work | : Repair and Renovation of existing Fountains, Children Play & open Gym Equipment installed in different Parks/locations within Baripada Municipality' |
| 2. | Date of sale of RFP document | : From 10.00 AM dtd.24.03.2026 up to 1.00 PM of dt.04.04.2026 |
| 3. | Last date & time of receipt of RFP documents | : Up to 1.00 P.M. of dt.08.04.2026 |
| 4. | Date and time of opening of the RFP | : At 4.00 PM of dt.08.04.2026 |
| 5. | Mode of deposit towards cost of RFP document & EMD | : As per the detailed notice inviting RFP |
| 6. | Name and address of the Officer inviting RFP | : Executive Officer, Baripada Municipality, Mayurbhanj |

Further details can be had from the web site www.baripadamunicipality.in and http://www.mayurbhanj.odisha.gov.in from 10.00 AM of dt.24.4.2026 to 1.00 PM of Dt.04.04.2026 or from the office of the undersigned during office hours on all working days.

Sd/-
Executive Officer
Baripada Municipality

OIPR. 13001/13078/1/25-26/0031

ମନ୍ତ୍ରାଳୟ ଖଣି ମନ୍ତ୍ରଣାଳୟ
ଭାରତ ସରକାର
ନିଯୁକ୍ତି ଅଧିକାରୀ, ଖଣି ମନ୍ତ୍ରଣାଳୟ, ଭାରତ ସରକାର
ଜିପିଓ-୩ ନେତାଜୀ ନଗର, ନୂଆଦିଲ୍ଲୀ, ୧୧୦୦୨୩, ୦୧୧-୨୬୭୭୩୬୦୬
'ଜଟିଳ ଏବଂ ରଣନୈତିକ ଖଣିଜ ପଦାର୍ଥର ଖଣିଜ ରିଆତି ପ୍ରଦାନ ପାଇଁ ସପ୍ତମ ପର୍ଯ୍ୟାୟ ପାଇଁ ବିଡ୍ ଆମନ୍ତ୍ରଣ'

ପ୍ରଥମ ଅନୁସୂଚୀର ଅଂଶରେ ନିର୍ଦ୍ଦିଷ୍ଟ ଖଣିଜ ପଦାର୍ଥ ପାଇଁ ଖଣିଜ ରିଆତି ପ୍ରଦାନ କରିବା ପାଇଁ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଆଇନ, ୧୯୫୭ ର ଧାରା ୧୧(ଡି) ଦ୍ୱାରା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ନିଲାମ କ୍ଷମତା ବ୍ୟବହାର କରି ଏବଂ ସମୟ ସମୟରେ ସୂଚିତ ଖଣିଜ ପଦାର୍ଥ (ନିଲାମ) ନିୟମ, ୨୦୧୫ ଅନୁସାରେ ସଂଶୋଧିତ ଖଣିଜ ପଦାର୍ଥ (ନିଲାମ) ନିୟମ ଅନୁଯାୟୀ, ଭାରତ ସରକାର ଖଣି ମନ୍ତ୍ରଣାଳୟର ନିଯୁକ୍ତ ଅଧିକାରୀଙ୍କୁ ସପ୍ତମ ପର୍ଯ୍ୟାୟର ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ପଦାର୍ଥ ନିଲାମରେ ୧୯ ଟି ବ୍ଲକ ନିଲାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଟେଣ୍ଡର ଆମନ୍ତ୍ରଣ ନୋଟିସ୍ (ନିଟ୍) ଏମ୍ଏସ୍ଟିସି ଇ-ନିଲାମ ପୋର୍ଟାଲ୍ ଏବଂ ଖଣି ମନ୍ତ୍ରଣାଳୟ ୱେବସାଇଟରେ ପ୍ରକାଶିତ ହୋଇଛି । ଟେଣ୍ଡର ଡକ୍ୟୁମେଂଟର ବିକ୍ରୟ ଆରମ୍ଭ ସୋମବାର, ୩୦ ମାର୍ଚ୍ଚ, ୨୦୨୬ରେ ଆରମ୍ଭ ହେବ । ଟେଣ୍ଡର ଡକ୍ୟୁମେଂଟ ଏବଂ ଅନ୍ୟାନ୍ୟ ବିବରଣୀ (https://www.mstcecommerce.com/auctionhome/micin/) ରେ ଉପଲବ୍ଧ ହୋଇପାରିବ ।

cbc 26101/11/0009/2526











*ସାହସର ସହିତ କର୍ତ୍ତବ୍ୟ ସଂପାଦନ କରିଯାଅ, ତାହାହିଁ ହେଉଛି ପ୍ରକୃତ ବୀରତ୍ୱ (ସାଇମନ)*

# ଆଜିକାଲି



*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।*
*ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।*

## ସାବଧାନ! ଆଗକୁ ଗ୍ରୀଷ୍ମ ଲହରୀ

ଯଦିଓ ବର୍ତ୍ତମାନ ପାଗ ସାମାନ୍ୟ ଥଣ୍ଡା ରହିଛି କିନ୍ତୁ ଆଉ ୧୦/୧୨ ଦିନ ପରେ ଅବସ୍ଥା କ'ଣ ହେବ ଏବେଠାରୁ ଅସମ୍ଭାଳ ହେବାକୁ ଲାଗିଲାଣି । ଏହି ସପ୍ତାହକ ମଧ୍ୟରେ ସମଗ୍ର ରାଜ୍ୟ ଗ୍ରୀଷ୍ମ ପ୍ରବାହରେ ଥରି ଅସମ୍ଭାଳ ହେବ ବୋଲି ଜଣାପଡ଼ିଲାଣି । ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ରାଜ୍ୟକୁ ଉତପ୍ତ କରି ଦେଇପାରେ । ଅବଶ୍ୟ ଗତ କିଛି ବର୍ଷ ଧରି ଖରା ଦିନରେ ପ୍ରତିଦିନ ରୌଦ୍ରତାପ ଓ ଗୁଳୁଗୁଳି ଅସମ୍ଭବ ହୋଇ ଆସୁଛି । କିନ୍ତୁ ଚଳିତବର୍ଷ ସବୁଠାରୁ ଗୁଳୁଗୁଳି ଓ ତାପମାତ୍ରା ଶୀର୍ଷରେ ପହଂଚିବ ବା ଆକଳନ କରାଯାଇଛି । ଗତ ୧୬ ବର୍ଷ ଧରି ସାରା ରାଜ୍ୟରେ ଥିବା ଗ୍ରୀଷ୍ମଲହରୀ ଅପେକ୍ଷା ଏଥର ବଢ଼ିବ ବୋଲି ସାଂଘାତିକ ଖବର ମିଳୁଛି । ଗ୍ରୀଷ୍ମଲହରୀକୁ ରାଜ୍ୟବାସୀ କିଭଳି ସମ୍ଭାଳିବେ ସେ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ । ମାର୍ଚ୍ଚ ପ୍ରଥମ ସପ୍ତାହ ପରଠାରୁ ସମସ୍ତ ଜିଲ୍ଲାରେ ପ୍ରଚଣ୍ଡ ଗରମ ଓ ଗ୍ରୀଷ୍ମ ଲହରୀ କ୍ରମଶଃ ବଢ଼ିବଢ଼ି ମାର୍ଚ୍ଚ ଶେଷ ସୁଦ୍ଧା ଶୀର୍ଷରେ ପହଂଚିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଏହାର ମୁକାବିଲା ପାଇଁ ରାଜ୍ୟବାସୀ ପ୍ରସ୍ତୁତ ରହିବା ଜରୁରୀ । ପୁଣି ଏବେଠୁ ସୂଚନା ମିଳିଲାଣି ଯେ, ବିଜୁଳି କାଟ୍ ଆରମ୍ଭ ହେଲାଣି । ଯଦି ବିଜୁଳି କାଟ୍ ବାରମ୍ବାର ହେବ ତା'ହେଲେ ଲୋକେ କିଭଳି ତାତିରୁ ବର୍ତିବେ ତାହା ଚିନ୍ତାର ବିଷୟ ହୋଇଛି । ଏବେ କିଛି ଦିନ ଧରି ପାନୀୟଜଳ ସଂକଟ ହେଲାଣି । ଯଦିଓ କେନାଲଗୁଡ଼ିକ ଶୁଖିବାକୁ ବସିଲାଣି ଏହି ଦୃଷ୍ଟିରୁ ଆଗକୁ ପାନୀୟ ଜଳ ସଂକଟ ଭୀଷଣ ଭାବେ ଦେଖାଦେବ ଏଥିରେ ସନ୍ଦେହ ନାହିଁ । ଏହାର ମୁକାବିଲା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହା ସତ୍ତ୍ୱେ ଗ୍ରୀଷ୍ମ ଲହରୀକୁ କିଭଳି ରାଜ୍ୟବାସୀ ମୁକାବିଲା କରିବେ ତାହା ସମୟ ହିଁ କହିବ ?

## ପଶ୍ଚିମ ଓଡ଼ିଶାର ଗାନ୍ଧୀ



ଦେଶପ୍ରେମୀ ସାମ୍ବାଦିକ ନୃସିଂହ ଗୁରୁ ପଶ୍ଚିମ ଓଡ଼ିଶାର ଗାନ୍ଧୀ ରୂପେ ପରିଚିତ । ସାରା ଜୀବନ ଆଣ୍ଠୁ ଯାଏ ଲୁଗା ପିନ୍ଧି, ଖାଲି ପାଦରେ ଚାଲିଚାଲି ସେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିଥିଲେ । ୧୯୨୮ରେ ଗାନ୍ଧୀ ମହାତ୍ମାଙ୍କ ପାଦ ସମ୍ବଲପୁରରେ ପଡ଼ିଥିଲା । ସେହି ସମୟରେ, ତାଙ୍କୁ ଭେଟିବା ସହ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ; ଆଜୀବନ ସରଳ ଜୀବନଯାପନ କରିବାକୁ ଶପଥ ନେଇଥିଲେ । ଚନ୍ଦ୍ରଶେଖର ବେହେରାଙ୍କ ସହ ମିଶି ହରିଜନ ସେବକ ସଂଘ ଗଠନ କରିଥିଲେ । ଦଳିତ ଛାତ୍ରଙ୍କ ପାଇଁ ସମ୍ବଲପୁରରେ ଛାତ୍ରାବାସ ଖୋଲାଇଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସ୍‌ର ସଭ୍ୟ ଭାବେ ଆଇନ ଅମାନ୍ୟ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଯୋଗଦେଇ ଜେଲ ଯାଇଥିଲେ । ଏକଦା ସେ ସମ୍ବଲପୁର ପୌରପାଳିକାରେ ଚାକିରି କରୁଥିଲେ । ତେବେ, ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ପାଇଁ ଇସ୍ତଫା ଦେଇଥିଲେ । ନୃସିଂହ ଗୁରୁ ହେଉଛନ୍ତି 'ସମାଜ'ର ପ୍ରଥମ ଜିଲ୍ଲା ପ୍ରତିନିଧି । ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି, ସେ ଏହି ସମ୍ବାଦପତ୍ର ପାଇଁ ନିର୍ଭୀକ ନିରପେକ୍ଷ ସାମ୍ବାଦିକତା କରିଥିଲେ । ପଶ୍ଚିମ ଓଡ଼ିଶାରେ 'ସମାଜ'କୁ ଲୋକପ୍ରିୟ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏକଦା ଏହି ଅଂଚଳରେ 'ସମାଜ' କହିଲେ ଲୋକେ ତାଙ୍କୁ ହିଁ ବୁଝୁଥିଲେ । ସମ୍ବଲପୁର ଜିଲ୍ଲାରେ ସେ କିଛି କାଳ ସମାଜର ବିତରଣ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । କାଗଜ ବାଂଟୁଥିଲେ । କେତେ ବେଳେ ପାଦରେ ଚାଲି ଚାଲି ତ କେତେବେଳେ ସାଇକେଲ ଚଳାଇ ସେ ଖବର ସଂଗ୍ରହ କରୁଥିଲେ । ଖବର ଶତ-ପ୍ରତିଶତ ସତ ବୋଲି ନିଶ୍ଚିତ ହେବା ପରେ ଯାଇ ପ୍ରକାଶନ ନିମନ୍ତେ ପଠାଉଥିଲେ । ପାଂଚଟଙ୍କା ଦରମାରେ ତାଙ୍କ ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା । ଶେଷ ବେଳକୁ ପହଂଚିଥିଲା ଅଢ଼େଇ ଶହ ଟଙ୍କାରେ । ୧୯୦୨ ମାର୍ଚ୍ଚ ୨୪ ତାରିଖରେ ଗୁରୁପାଲୀରେ ସେ ଜନ୍ମ ହୋଇଥିଲେ ।

# ଯକ୍ଷ୍ମାର ବିଭୀଷିକା ଓ ଭାରତ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ଆଜି ବିଶ୍ୱ ଯକ୍ଷ୍ମା ଦିବସ । ଏହି ଅବସରରେ ଜନସାଧାରଣ ସଂକ୍ରାମକ ଯକ୍ଷ୍ମା ରୋଗର ସଂପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସଂକଳ୍ପବଦ୍ଧ ହେବା ସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥାଏ । ସମୟ ଥିଲା, ଯେତେବେଳେ ରାଜଯକ୍ଷ୍ମା ନାମରେ ପରିଚିତ ଏହି ବ୍ୟାଧିରେ ଆକ୍ରାନ୍ତ ହୋଇ ଅସଂଖ୍ୟ ଜୀବନ ଅକାଳରେ ଝଡ଼ି ପଡୁଥିଲା । ଗୋଟିଏ ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ, ଅନ୍ୟମାନଙ୍କୁ ମଧ୍ୟ ଏହା ସଂକ୍ରମିତ ହୋଇ ଏକ ବିଭୀଷିକାମୟ ପରିସ୍ଥିତି ସୃଷ୍ଟି ହେଉଥିଲା । ସେତେବେଳେ ଏହା ଏକ ଦୁରାରୋଗ୍ୟ ବ୍ୟାଧି ରୂପେ ପରିଗଣିତ ହେଉଥିଲା । ଇଜିପ୍ଟ ଦେଶରେ ହଜାର ହଜାର ବର୍ଷ ପୂର୍ବର 'ମମି'ରେ ମଧ୍ୟ ଯକ୍ଷ୍ମା ରୋଗର ନମୁନା ଦେଖିବାକୁ ମିଳିଥିଲା । ଅର୍ଥାତ୍ ଏତେ ପ୍ରାଚୀନ କାଳରେ ମଧ୍ୟ ଯକ୍ଷ୍ମା ଏକ ଭୟଙ୍କର ଘାତକ ବ୍ୟାଧି ଭାବରେ ଆତଙ୍କ ସୃଷ୍ଟି କରିଥିଲା । ୧୮୮୨ ମସିହା ମାର୍ଚ୍ଚ ୨୪ ତାରିଖରେ ସାର୍ ରବର୍ଟ କ୍ୟାକ୍ ସର୍ବପ୍ରଥମେ ଏହି ରୋଗ 'ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍' ନାମକ ଜୀବାଣରୁ ବ୍ୟାପୁଛି ବୋଲି ଜାଣିବାକୁ ପାଇଥିଲେ । ଏହା ପୂର୍ବରୁ ଯକ୍ଷ୍ମା ରୋଗର କାରଣ ସମସ୍ତଙ୍କ ପାଇଁ ଅଜଣା ଥିଲା । ତାଙ୍କର ଏହି ଗବେଷଣା ଯୋଗୁଁ ଯକ୍ଷ୍ମାର ଚିକିତ୍ସା ଓ ନିୟନ୍ତ୍ରଣ ବିଶେଷ ଫଳପ୍ରଦ ହୋଇପାରିଥିଲା । ୧୯୮୨ ମସିହାରେ ଏହି ଜୀବାଣୁ ଅନ୍ୱେଷଣର ଏକ ଶହ ବର୍ଷ ପୂରଣ ହେବା ଯୋଗୁଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ରୂପେ ପାଳନ କରିଆସୁଛି । ଏହି ଦିବସରେ ଯକ୍ଷ୍ମା ରୋଗ ସଂପର୍କରେ ଜନ ସଚେତନତା ଅଭିଯାନକୁ ବ୍ୟାପକ କରାଯାଇଥାଏ, ଯାହାଫଳରେ ଏହି ରୋଗକୁ ନେଇ ରହିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ପ୍ରୟାସ କେତେକାଂଶରେ ସଫଳ ହୁଏ । ଯକ୍ଷ୍ମା ସମାଜର ସବୁ ବର୍ଗ ତଥା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶ୍ୱର ଅନେକ ମହାନ୍ ଖ୍ୟାତିସଂପନ୍ନ ବ୍ୟକ୍ତି ଏହି ରୋଗର ଶିକାର ହୋଇଥିବାର ଦୃଷ୍ଟାନ୍ତ ରହିଛି । ସାଧାରଣତଃ ଜନସାଧାରଣଙ୍କ ମଧ୍ୟରେ ଏକ ଭୁଲ ଧାରଣା ରହିଛି ଯେ, ଏହା ଜିନ୍‌ଗତ ଦୋଷରୁ ହୋଇଥାଏ । ମାତ୍ର ତାହା ଆଦୌ ଠିକ୍ ନୁହେଁ । ଗୋଟିଏ ଛୋଟ କୋଠରୀ ଭିତରେ ଅନେକ ଲୋକ ଏକ ସଙ୍ଗେ ରହିଲେ, ଏହି ରୋଗ ବ୍ୟାପିଥାଏ । ଏହି ବ୍ୟାକ୍ଟେରିଆ ଶରୀରର ସମସ୍ତ ଅଙ୍ଗକୁ ସଂକ୍ରମିତ କରିଦିଏ । ସାଧାରଣତଃ ଏହା ମସ୍ତିଷ୍କ, ହାଡ଼, ଗଣ୍ଠି, ଜରାୟୁ, ଆଖି, ଚମଡ଼ା, ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍, ଖାଦ୍ୟନଳୀ, ଯକୃତ, ବୃକକ୍, ପ୍ଳିହା, ଅଗ୍ନ୍ୟାଶୟ ଓ ଜନନେନ୍ଦ୍ରିୟ ଇତ୍ୟାଦି ସଂକ୍ରମିତ କରି ରୋଗୀର ମୃତ୍ୟୁର କାରଣ ହୋଇଥାଏ । ମହିଳାଙ୍କ ମଧ୍ୟରେ ବନ୍ଧ୍ୟା ଦୋଷର ମୁଖ୍ୟ କାରଣ ହେଉଛି, ସେମାନେ ଜରାୟୁ ଯକ୍ଷ୍ମାରେ ସଂକ୍ରମିତ ବୋଲି ଡାକ୍ତରମାନେ ମତ ଦେଉଛନ୍ତି । ଆମ ଦେଶରେ ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ଲୋକଙ୍କ ଠାରେ ଏହି ଜୀବାଣୁ ରହିଛି । ମାତ୍ର ରୋଗ କେବଳ ଦେଢ଼ ପ୍ରତିଶତ ଜନସଂଖ୍ୟା ମଧ୍ୟରେ ରହିଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି । ଯଦି ଜଣେ ବ୍ୟକ୍ତି ମଧୁମେହ କିମ୍ବା ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ହୁଏ ତେବେ ସେ ଯକ୍ଷ୍ମାରେ ଆକ୍ରାନ୍ତ ହେବାର ଆଶଙ୍କା ଅନେକ ଗୁଣ ବୃଦ୍ଧି ପାଇଥାଏ । ରୋଗୀର ରୋଗପ୍ରତିରୋଧକ ଶକ୍ତି କମିଗଲେ ଏହି ଟିବି ଜୀବାଣୁ ଶରୀରର ସମସ୍ତ ଅଂଶକୁ ଆକ୍ରାନ୍ତ କରେ ଏହାକୁ ଟ୍ୟୁବରକ୍ୟୁଲାସ୍ ସେପଟିସିମିଆ କୁହାଯାଏ । ଭାରତରେ ପ୍ରତିଦିନ ପ୍ରାୟ ୪୦ ହଜାରରୁ ଅଧିକ ଲୋକ ଯକ୍ଷ୍ମାରେ ସଂକ୍ରମିତ ହୋଇଥାନ୍ତି । ଦେଶରେ ପ୍ରତି ଦେଢ଼ ମିନିଟ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଯକ୍ଷ୍ମା ରୋଗ ଦ୍ୱାରା ହେଉଛି । ସମଗ୍ର ବିଶ୍ୱରେ ପ୍ରତିବର୍ଷ ୧୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଉଥିବା ବେଳେ ଆର୍ଥିକ ବିକାଶକୁ ମଧ୍ୟ ଏହା ପ୍ରଭାବିତ କରିଥାଏ । ଭାରତରେ ପ୍ରତିବର୍ଷ ଏଥିପାଇଁ ୧୨ ହଜାର କୋଟି ଟଙ୍କା କ୍ଷତି ଘଟୁଛି ଏବଂ ବହୁ ସଂଖ୍ୟକ କାର୍ଯ୍ୟ ଦିବସ ପ୍ରଭାବପିତ ହେଉଛି । ଯକ୍ଷ୍ମା ଯୋଗୁଁ ପ୍ରତିବର୍ଷ ଦେଶରେ ପ୍ରାୟ ଏକ ଲକ୍ଷ ମହିଳାଙ୍କ ସହ ସଂପର୍କ ଛିନ୍ନ କରାଯାଉଛି ଏବଂ ତିନି ଲକ୍ଷ ଶିଶୁ ବିଦ୍ୟାଳୟ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ସର୍ବଶେଷ ତଥ୍ୟ ଅନୁଯାୟୀ ଆମ ଦେଶରେ ମାତୃ ମୃତ୍ୟୁହାର ତୁଳନାରେ ଯକ୍ଷ୍ମା ଜନିତ ମୃତ୍ୟୁହାର ଯଥେଷ୍ଟ ଅଧିକ । ଶିଶୁଙ୍କ ବିସିଜି ଟୀକା ଦିଆଯିବା ଦ୍ୱାରା ଏହି ରୋଗ କିଛି ପରିମାଣରେ ନିୟନ୍ତ୍ରିତ ହେଉଛି । ଭାରତରେ ଅବଶ୍ୟ ଏହି ରୋଗ ପାଇଁ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି । ଏହା ସ□େ ଏହି ରୋଗକୁ ଏ ପର୍ଯ୍ୟନ୍ତ ଦେଶରୁ ସଂପୂର୍ଣ୍ଣ ମୂଳପୋଛ କରିବା ସମ୍ଭବପର ହୋଇନାହିଁ । ରାଜଯକ୍ଷ୍ମା ଏବେ ସମଗ୍ର ଦେଶରେ ଏକ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ପ୍ରାଦୁର୍ଭାବ କିଛି କମ ନୁହେଁ । ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ସାରା ଦେଶରେ ଥିବା ଯକ୍ଷ୍ମା ଆକ୍ରାନ୍ତଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଓଡ଼ିଶାରେ ଅଛନ୍ତି । ଓଡ଼ିଶାରେ ଯକ୍ଷ୍ମା ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଚାନ୍ଦପୁରଠାରେ କିଛି ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ । ଅନ୍ୟାନ୍ୟ ମେଡ଼ିକାଲ କଲେଜ ଓ ସରକାରୀ ଚିକିତ୍ସାଳୟରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା କରାଯାଇଛି । ଅଭିଜ୍ଞତାରୁ ଦେଖାଯାଉଛି ଯେ, ବହୁତ ଗରିବ ରୋଗୀମାନେ ସରକାରଙ୍କର ଚିକିତ୍ସା ପାଣ୍ଠି ଓ ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନା ମାଧ୍ୟମରେ ମାଗଣାରେ ଏହି ଚିକିତ୍ସା ପାଉଛନ୍ତି । ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହ ତାଳଦେଇ ଯକ୍ଷ୍ମା ରୋଗର ନିରାକରଣ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ଦେଖା ଦେଇଛି ।

*ବିଭାଗୀୟ ମୁଖ୍ୟ, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ପିଲାଙ୍କ ଯକ୍ଷ୍ମାରୋଗ

◆ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଟ୍ୟୁବରକ୍ଲୋସିସ୍ ବା ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି । ପା□ବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି । ପିଲା ମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ । ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସ□ରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇ ପାରେ ଯାହାକି ଅତି ବିରଳ । ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ । ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସ୍‌ଫୁସ୍‌ରେ ଦେଖାଦେଇଥାଏ । ତା'ପରେ ଲସିକାବାହିନୀର ପ୍ରବାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ । ପିଲାଟି ୩-୪ ବର୍ଷ ବୟସ ହୋଇଥିଲେ ତାର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ସମ୍ଭାବନା ଅଧିକ । ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ । କେତେକ କ୍ଷେତ୍ରରେ ପିଲା ମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ୍ୟ ପ୍ରାଥମିକ ସଂକ୍ରମଣ ହୋଇପାରେ । ପିଲା ମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ । ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗଣ୍ଠି, ବୃକକ୍‌ରେ ମଧ୍ୟ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ । ତେବେ ଶତକଡ଼ା ୪୧ ଭାଗ କେବଳ ଛାତି ଭିତରେ ହିଁ ପିଲାମାନଙ୍କୁ ଯକ୍ଷ୍ମାର ଯନ୍ତ୍ରଣା ଦେଇଥାଏ । ଶିଶୁ ବା ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ । ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ ହୋଇଥାଏ । କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଳିହା ବୃଦ୍ଧି ହୋଇଥାଏ । ସାଧାରଣ ଡାକ୍ତରଙ୍କ ଷ୍ଟେଥସସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ । ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ । କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ । ଏହା ପିଲାମାନଙ୍କର ଆବ୍‌ଡୋମିନାଲ ଟ୍ୟୁବରକ୍ଲୋସିସ୍ । ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗଣ୍ଠିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍‌ଜଏ□, ନିଜଏ□ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ୍ୟ ଦେଖା ଯାଇଥାଏ ।ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ । ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ । ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଂଟି, ମସ୍ତିଷ୍କ, ପେଟ ପ୍ରମୁଖ । ପିଲା ମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି ସଂଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ । ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା । ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ । କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ । ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ । ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ । ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା । ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ୍ୟ । ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ । ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ । ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣର ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି । କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଡିଓଟି ବା ଡାଇରେକ୍ଟଲି ଅବଜରଭଡ୍ ଟ୍ରିଟ୍‌ମେ□ ସର୍ଟ କୋର୍ସ କେମୋ ଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ । ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ । ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ । କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଳା କରନ୍ତୁ ନାହିଁ । ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ । ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉ□ମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ । ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ । କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟ୍‌କା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ । ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ । ବିଶ୍ୱରେ ଅଧିକ ସଂଖ୍ୟଙ୍କ ପିଲା ଏହି ଟିବି ରୋଗର ସହଜ ଆକ୍ରାନ୍ତ ହେଉଥିଲେବି ଭାରତ ପରି ବିକାଶଶୀଳ ଦେଶରେ କେବଳ ବିଶ୍ୱରେ ଯେଉଁଠି ବର୍ଷକୁ ୯୦ଲକ୍ଷ ଟିବି ରୋଗୀ ରହିଛନ୍ତି ସେଥିରୁ ଭାରତରେ ୨୩ଲକ୍ଷ । ଆସନ୍ତୁ ଆଜି ବିଶ୍ୱ ଟ୍ୟୁବରକ୍ଲୋସିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବା□ ସହ ଏକମତ ହୋଇ ଏହାକୁ ଦୂରେଇବା ପାଇଁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ,*

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

◆ ଡାକ୍ତର କାନ୍ତୀ ନାୟକ

ଯକ୍ଷ୍ମା ଜୀବାଣୁ ଜନିତ ରୋଗ । ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଂଚେ । ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ । ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ । କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ । ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ । ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ । ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ । ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ । ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ । ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ । ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ । ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ । ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ ।

*ରୋଗର ଲକ୍ଷଣ :* ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି । କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ । ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ । ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ । ଓଜନ ମଧ୍ୟ କମି ଯାଏ । କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ । ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ ।

*କାହାପାଇଁ ବିପଦ ଅଧିକ :* ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ । କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ । ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ । ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ । କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ । ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ । କାରଣ ଏହା ଏକ ବାୟୁବାହିତ ରୋଗ । ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ । ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି । ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ ।

*ରୋଗ ଚିହ୍ନଟ :* ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ । ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ । ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ । ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଂଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ । କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ ।

*ଚିକିତ୍ସା :* ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ । ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଂଟରରେ ମାଗଣା ଚିକିତ୍ସା କରାଯାଏ । ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର । ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ । ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ । ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଂଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଂଟ କୁହାଯାଏ । ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସିଡିଆର ସ୍ଥିତି ଥାଏ । ଏହା ଖୁବ୍ ବିପଜ୍ଜନକ ସ୍ଥିତି । ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ । କିନ୍ତୁ ଏକ୍ସିଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ । ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ । ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର/ଏକ୍ସିଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ । ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି । କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ । ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ । ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ । ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ । ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ । କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ । କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ ।

*ମହିଳାଙ୍କୁ ଯକ୍ଷ୍ମା :* ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ । ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ । ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ । ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ ।

*ରୋଗୀ କ'ଣ କରିବେ / କ'ଣ ନକରିବେ :* ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଂଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ । ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ । ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି । ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ । ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି । ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି । ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି । ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି । ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଏକ୍ସିଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ । ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ । କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି । ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ । ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ । ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ । କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ । ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ । କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ ।

*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*





# ସୋସାଇଟି ପଞ୍ଜିକରଣ ନିମନ୍ତେ ସାର୍ବଜନୀନ ସଚେତନତା

ସମ୍ବଲପୁର : ଜିଲ୍ଲାର ସମସ୍ତ ସର୍ବସାଧାରଣଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି ଯେ' ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ର ଧାରା ୩ (୨) ଅନୁଯାୟୀ ୨୧ ମେ, ୨୦୨୧ ପରେ ପଞ୍ଜିକୃତ ସୋସାଇଟି ଗୁଡିକ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ତାରିଖରୁ ୫ ବର୍ଷ ପାଇଁ ବଳବତର ରହିବ । ଏଥିସହ ସୋସାଇଟି ପଞ୍ଜିକରଣ ଆଇନ, ୧୮୬୦ ଏବଂ ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ ଅଧୀନରେ ୨୧ ମେ, ୨୦୨୧ କିମ୍ବା ପୂର୍ବରୁ ପଞ୍ଜିକୃତ ସୋସାଇଟି ଗୁଡ଼ିକ ୫ ବର୍ଷ ପାଇଁ (ଅର୍ଥାତ୍ ୨୦ ମେ, ୨୦୨୬ ପର୍ଯ୍ୟନ୍ତ) ବଳବତର ରହିବ । ତେଣୁ, ପଞ୍ଜିକୃତ ସୋସାଇଟିର ପଦାଧିକାରୀ/ ଅଧିକୃତ ଅଧିକାରୀ ମାନେ ସେମାନଙ୍କ ପଞ୍ଜୀକୃତ ସମ୍ପୃକ୍ତ ସୋସାଇଟି ର ବୈଧତା ନବୀକରଣ ପାଇଁ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରି ଆବଶ୍ୟକୀୟ ପଦକ୍ଷେପ ନେଇ ପାରିବେ ।୧. ବୈଧତା ଅବଧି ସମାପ୍ତ ହେବା ପୂର୍ବରୁ ନବୀକରଣ ଧାରା ୩-ବି ର ଉପ-ଧାରା (୧) ଅନୁଯାୟୀ ୫ ବର୍ଷ ବୈଧ ଅବଧି ସମାପ୍ତ ହେବା ର ଏକ ମାସ ପୂର୍ବରୁ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ନିର୍ଦ୍ଧାରିତ ଫି ହେବଳ ୫୦୦/- (ପାଂଚଶହ ଟଙ୍କା) ୨. ବୈଧତା ଅବଧି ସମାପ୍ତ ହେବା ପରେ ନବୀକରଣ ଧାରା ୩-ବି ର ଉପ-ଧାରା (୨) ଅନୁଯାୟୀ ପାଂଚ ବର୍ଷ ବୈଧ ଅବଧି ସମାପ୍ତ ହେବାର ୬ ମାସ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ଅନ୍ତିମ ଅବଧି ସମାପ୍ତ ହେବାର ଗୋଟିଏ ମାସ ମଧ୍ୟରେ – ୧,୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଦୁଇ ମାସ ମଧ୍ୟରେ – ୧୫୦୦ ଟଙ୍କା, ଅନ୍ତିମ ଅବରଧି ସମାପ୍ତ ହେବାର ତିନି ମାସ ମଧ୍ୟରେ – ୨୦୦୦ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଚାରି ମାସ ମଧ୍ୟରେ – ୨୫୦୦ ଟଙ୍କା, ଅନ୍ତିମ ଅବଧ ସମାପ୍ତ ହେବାର ପାଂଚମାସ ମଧ୍ୟରେ – ୩୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଛଅ ମାସ ମଧ୍ୟରେ – ୩୫୦୦ ଟଙ୍କା ଫି' ପ୍ରଯୁଜ୍ୟ ହେବ, ।ନବୀକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଂଟ-ଆବେଦନ ସହିତ ପଞ୍ଜିକରଣ ପ୍ରମାଣପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ସଂଘର ସ୍ମାରକପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ଉପ-ଆଇନର ସର୍ବଶେଷ ପ୍ରମାଣିତ କପି (ସି.ସି ), ଗତ ପାଂଚ ବର୍ଷର ଅଡିଟ୍ ରିପୋର୍ଟ, ଗତ ପାଂଚ ବର୍ଷର କାର୍ଯ୍ୟକଳାପ ରିପୋର୍ଟ, ସମାପ୍ତିର ନବୀକରଣ ସମ୍ପର୍କରେ ସାଧାରଣ ପରିଷଦର ନିଷ୍ପତି ଡକ୍ୟୁମେଂଟ ଗୁଡ଼ିକ ଦାଖଲ କରିବାକୁ ପଡିବ ବୋଲି ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲୁ ଗଣମାଧମକୁ ଜଣାଇଛନ୍ତି ।

# ନିରାଶ୍ରୟ, ଅସହାୟ ଭୀମଙ୍କୁ ସାହା ହେଲେ ନଗରପାଳ

ଭୁବନ : ଢ଼େଙ୍କାନାଳ ଜିଲ୍ଲା ଭୁବନ ଏନ୍ ଏ ସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ନୂଆ ବଜାର ବାସିନ୍ଦା ଅସହାୟ ନିସହାୟ ଦଳିତ ବୃଦ୍ଧ ଭୀମ ମଳିକ ଙ୍କୁ ନଗରପାଳ ସାହା ହୋଇ ଅନ୍ତେଷ୍ଟି କ୍ରିୟାରେ ସହଯୋଗ କରିଥିବା ଜଣାପଡ଼ିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ ନୂଆ ବଜାର ଅରବିନ୍ଦ ମାର୍ଗର ବାସିନ୍ଦା ଭୀମ ମଳିକ (୭୫) ଙ୍କ ସ୍ତ୍ରୀ ୬ ମାସ ପୂର୍ବେ ମୁର୍ତ୍ୟୁ ବାରଣ କରିଥିଲେ । ବଡ ପୁଅ ଅଜୟ ମଳିକ (୪୫) ପାଗଳ । ମଝିଆଁ ପୁଅ ସଞ୍ଜୟ ମଳିକ (୪୦) ଓଡ଼ିଶା ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଏକ ଗାଡ଼ି ଦୁର୍ଘଟଣାରେ ସେହିଠାରେ ମୃତ୍ୟୁ ବରଣ କଲେ । ଭୀମ ର ସାହା ଭରସା କହିଲେ ସାନ ପୁଅ କବିର । ଭୀମ ପକ୍ଷାଘାତ ରେ ଶୀକାର ହେବା ପରେ ସାନ ପୁଅ କବିର ତାଙ୍କୁ ପ୍ରଥମେ କାନ୍ଧରେ ବୋହି ଓ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ମିଳିଥିବା ଏକ ହୁଇଲ ଚେୟାର ରେ ବସାଇ ହାଟ ବଜାର ବୁଲି ଭିକ୍ଷା ମାଗି ତାଙ୍କ ବାପାଙ୍କ ଖାଇବା ପିଇବା ବୁଝୁଥିଲେ । ଦୁର୍ଭାଗ୍ୟକୁ ଗତ ମାର୍ଚ୍ଚ ୩ ତାରିଖ ଦିନ ସାନ ପୁଅ କବିର (୩୫) ଙ୍କ ର ଅକାଳ ମୃତ୍ୟୁ ହୋଇଥିଲା ଓ ତାଙ୍କ ଘର ପୋଡିଯାଇଥିଲା । କଥାରେ ଅଛି, ଦଇବ ଯେତେବେଳେ ଦାଉ ସାଧେ,ସବୁ କିଛି ଛଡ଼ାଇ ନିଏ । ଭୀମ ର ସେହିଭଳି ସ୍ଥିତି ଉପୁଜିବାରୁ ଶେଷରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ଥାନା କ୍ୱାଟରରେ ଝାଡ଼ା ପରିସ୍ରା ହୋଇ ଅଖିଆ ଅପିଆ ପଡ଼ି ରହିଲେ । ମହାମାରୀ କରୋନା ସମୟରେ ବିଷ୍ଣୁପ୍ରିୟା ଫାଉଣ୍ଡେସନ ତରଫରୁ ଅକ୍ସିଜେନ ଯୋଗାଣ ହେଉ କିମ୍ବା ରାତି ଅଧରେ ମେଡିକାଲ ସହାୟତା ହେଉ ପ୍ରତି କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିବା ତଥା ଅସହାୟ ନିସହାୟ ଗରିବ ଗୁରୁବା ଙ୍କ ଦରଦୀ ବନ୍ଧୁ କୁହାଯାଉଥିବା ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏ ସମ୍ପର୍କରେ ଖବର ପାଇ ତାଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେଇଥିଲେ । ଭୀମ ର ଆଜି ବୁଧବାର ସକାଳେ ମୃତ୍ୟୁ ହୋଇଯାଇଥିଲା । ନଗର ପାଳ ଶୁଭେନ୍ଦୁ ସାହୁ ଭୁବନ ବ୍ଲକ ଅନ୍ତର୍ଗତ କିଙ୍ଗୋଳ ଗ୍ରାମରେ ଥିବା ତାଙ୍କ ଝିଅ,ଜ୍ୱାଇଁ ଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସ ମଗାଇଥିଲେ । ଝିଅ ଜ୍ୱାଇଁ ଓ ନାତି ପହଂଚିବା ପରେ ମାର ଶରୀରକୁ ଭରତି ପାହାଡ ନିକଟକୁ ନିଆଯାଇ ଜେସିବି ସାହାଯ୍ୟରେ ଗାତ ଖୋଳି ଦଳିତ ସମ୍ପ୍ରଦାୟ ରୀତି ନୀତି ଅନୁଯାୟୀ ଶବ କୁ ପୋତାଯାଇଥିଲା । ଏଥିରେ ନଗରପାଳ ଶୁଭେନ୍ଦୁ ସାହୁଙ୍କୁ ଯୁବ ସମାଜ ସେବୀ ହୋଣ୍ଡା ସୋରୁମ ପ୍ରୋପାଇଟର ସନ୍ତୋଷ କୁମାର ପୃଷ୍ଟି ଏବଂ ଆମ୍ବୁଲାନ୍ସ ଡ୍ରାଇଭର ଅଜୟ ବେହେରା ସହଯୋଗ କରି ଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ କେବଳ ବୁଦ୍ଧିଜୀବୀ ମହଲ ନୁହେଁ ସାରା ଭୁବନବାସୀ ଉଚ୍ଚ ପ୍ରଶଂସା କରୁଛନ୍ତି ।

# ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଅନିୟମିତତା

ଭଦ୍ରକ : ରାଜ୍ୟ ସରକାରଙ୍କ 'ବସୁଧା' ଯୋଜନାରେ ଘରେ ଘରେ ପାନୀୟ ଜଳ ପହଂଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଧାମନଗର ବ୍ଲକ ଖପରପଦା ପଂଚାୟତରେ ଏହି ଯୋଜନା ବାଟବଣା ହୋଇଛି । ଦୀର୍ଘ ୮ ବର୍ଷ ହେବ ଲୁଣିଆ ଠାରେ ଦୁଇଟି ୨ ଲକ୍ଷ ଲିଟର ବିଶିଷ୍ଟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଏପର୍ଯ୍ୟନ୍ତ ମଧୁର ଜଳ ଟୋପାଏ ମିଳିପାରି ନାହିଁ । ପ୍ରାପ୍ତ ସୂଚନା ଅନୁଯାୟୀ, ଲୁଣିଆ ଶାସନ ଗ୍ରାମକୁ ପାଣି ପାଇପ୍ ବିଛା ଯାଇଥିଲେ ମଧ୍ୟ ଜଳ ଯୋଗାଣ କରାଯାଉ ନାହିଁ । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବ୍ରଜ କିଶୋର ପଣ୍ଡା କହିଛନ୍ତି ଯେ, 'କୋଟି କୋଟି ଟଙ୍କା ବ୍ୟୟରେ ଟାଙ୍କି ନିର୍ମାଣ ହୋଇଛି ସତ, କିନ୍ତୁ ଲୋକଙ୍କ ପାଇଁ ଏହା ଶୋଭାବର୍ଦ୍ଧନ କାରୀ ସାମଗ୍ରୀ ପାଲଟିଛି । ଆମେ ପାଣି ମୁନ୍ଦାଏ ପାଇଁ ଚାହିଁ ବସିଛୁ । ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ପାଇଁ ବିଭାଗ ତରବରିଆ ପ୍ରସ୍ତୁତି କରୁଥିବା ବେଳେ ଏଠାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ପ୍ରକଳ୍ପର ସୁରକ୍ଷା ପାଚେରି ଫାଟି ଯାଇଥିଲେ ମଧ୍ୟ ତାହାର ମରାମତି ନକରି କେବଳ ରଙ୍ଗ ମାରି ଦିଆଯାଉଛି । ଲକ୍ଷ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହଡ଼ପ କରିବା ପାଇଁ ଏହା ଠିକାଦାରଙ୍କ ଏକ ଯୋଜନାବଦ୍ଧ ଚାଲ୍ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହି ସମ୍ପର୍କରେ ସମିତି ସଭ୍ୟ ଭାରତ ବିଜୟ ଦଳାଇ ନିଜର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକେ ହଇରାଣ ହେଉଛନ୍ତି । ଏହା ସରକାରୀ ଅର୍ଥର ଅପ ବ୍ୟୟ ଛଡ଼ା ଅନ୍ୟ କିଛି ନୁହେଁ ।ଅନ୍ୟପଟେ, ବିଭାଗୀୟ ଯନ୍ତ୍ରୀ ପ୍ରଦୀପ ନାୟକ କହିଛନ୍ତି, 'ମୁଁ ନୂଆ କରି ଦାୟିତ୍ୱ ଗ୍ରହଣ କରିଛି । ପୂର୍ବରୁ ଠିକାଦାର କାର୍ଯ୍ୟ ସାରି ନଥିବାରୁ ଜଳ ଯୋଗାଣରେ ବିଳମ୍ବ ହୋଇଛି, କିନ୍ତୁ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ।' ସେହିପରି ସରପଂଚ ଅନୁସୟା ସାହୁ କହିଛନ୍ତି ଯେ, ବିଭାଗ ମୋତେ ଦାଇତ୍ୱ ହସ୍ତାନ୍ତର କରି ନାହିଁ, ବର୍ତ୍ତମାନ କାର୍ଯ୍ୟ ଉପରେ ଦୃଷ୍ଟି ଦିଆଯାଇଛି ଏବଂ ଆସନ୍ତା ଏକ ସପ୍ତାହ ମଧ୍ୟରେ ଲୋକମାନେ ପାଣି ପାଇବେ ବୋଲି ଆମେ ଆଶା କରୁଛୁ ।'ଏବେ ଦେଖିବାକୁ ବାକି ରହିଲା, ଏହି ଏକ ସପ୍ତାହ ଭିତରେ ଲୋକଙ୍କୁ ପାଣି ମିଳୁଛି ନା ପୂର୍ବ ଭଳି ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଉଛି ।

# ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ ନେଇ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ବୈଠକରେ ଅଧ୍ୟକ୍ଷ ଆସନ୍ତା ଏପ୍ରିଲ୍ ୧ ତାରିଖରେ ଉତ୍କଳ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ରୂପରେଖ ଉପରେ ଅଭିଭାଷଣ ପ୍ରଦାନ କରି ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ସମାରୋହକୁ ପାଳନ କରିବା ଦିଗରେ ଆହ୍ୱାନ ଦେଇଥିଲେ । ପ୍ରସ୍ତୁତି ବୈଠକ ସିଦ୍ଧାନ୍ତ ଅନୁଯାୟୀ ଉତ୍କଳ ଦିବସ ଦିନ ପ୍ରତ୍ୟୁଷରୁ ସହରରେ ଉତ୍କଳ ବନ୍ଦନା ସଙ୍ଗୀତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବ । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବାସହ ଖୋର୍ଦ୍ଧା ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବ । ସେହିପରି ଜିଲ୍ଲା ସ୍ତରୀୟ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ଦେଶାତ୍ମବୋଧକ ପ୍ରବନ୍ଧ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅଧ୍ୟକ୍ଷା ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ କରାଯିବ । ଉତ୍କଳ ଦିବସ କୁ ଆକର୍ଷଣୀୟ କରିବା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ତ୍ୱରଣ ନିର୍ମାଣ କରାଯିବ । ଉତ୍କଳ ଦିବସ ଦିନ ସକାଳେ ଶୋଭାଯାତ୍ରା ସହ ଉତ୍କଳ ବନ୍ଦନା କାର୍ଯ୍ୟକ୍ରମ ଓ ପୌର ପରିଷଦ ଟାଉନ୍ ହଲ୍ ଠାରେ ସାଧାରଣ ସଭା ଓ ପୁରସ୍କାର ପ୍ରଦାନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଚଳିତ ମାସ ୩୧ ତାରିଖରୁ ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଆଲୋକ ମାଳାରେ ସୁସଜ୍ଜିତ କରିବା ଉପରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ ଏବଂ ପୌର ପରିଷଦ ଏବଂ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ମାନଙ୍କରେ ଉତ୍କଳ ଦିବସ ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ଓଡ଼ିଶା ଦିବସ ଉପଲକ୍ଷେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲା ସ୍ତରୀୟ ଉତ୍କଳ ଦିବସକୁ ଜିଲ୍ଲା ସଦର ମହକୁମାରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ,ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ସରୋଜ ମିଶ୍ର, ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର, ସୌମ୍ୟା ସ୍ୱାଗତିକା ସ୍ୱାଇଁ, ସଂଗ୍ରାମ କିଶୋର ଜେନା, ସ୍ୱିଟୀ ସୋରେନ, ସାରା ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା,ବି ଡି ଓ ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ଅଗ୍ନି ଶମ ସେବା ଅଧିକାରୀ ମୀନ କେତନ ବେହେରା, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ କର୍ମକର୍ତା ସୁବୋଧ କୁମାର ଜଗଦେବ, ସୁଶାନ୍ତ କୁମାର ମିଶ୍ର ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି କବିରାଜ ପ୍ରଧାନ,ଡି ଇ ଜି ଏମ ମାନସ କୁମାର ବ୍ରହ୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ଅପପୁଷ୍ଟି ମୁକ୍ତ ହେବ ମାଲକାନଗିରି : ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ;ପୋଷଣ-୧୫ ଶୁଭାରମ୍ଭ

ମାଲକାନଗିରି : ମାଲକାନଗିରି ଜିଲ୍ଲାରୁ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁମାନଙ୍କ ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ ର ଶୁଭାରମ୍ଭ କରାଯାଇଛି । ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଭିଡିଓ କନଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟି ଓ ବାମନତା ସମସ୍ୟା ଦୂର କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏଥିରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି । ଏହି ଅଭିଯାନ ଅଧୀନରେ ପ୍ରଶାସନ ପକ୍ଷରୁ ୧୫ଟି ପ୍ରଭାବଶାଳୀ ସ୍ଲୋଗାନ ପ୍ରସ୍ତୁତ କରାଯାଇଛି । ଏହି ସ୍ଲୋଗାନଗୁଡ଼ିକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ନିକଟରେ ପହଂଚାଯିବ । ସୁସ୍ଥ ଶରୀର, ସୁସ୍ଥ ମନ, ସଠିକ ପୋଷଣ ଆମର ଧନ ଭଳି ବାର୍ତା ଦେଇ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରତି ଆକୃଷ୍ଟ କରାଯିବାର ଯୋଜନା ରହିଛି । ଖୁବଶୀଘ୍ର ପ୍ରତ୍ୟେକ ବ୍ଲକରେ ବିଡିଓ ମାନଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଓ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ । ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ମା ଏବଂ ଶିଶୁମାନଙ୍କୁ ସଠିକ ପୋଷଣର ମହତ୍ୱ ବୁଝାଇବେ । ଜିଲ୍ଲାର ପିଲାମାନେ ଯେପରି ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ ହେବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏହି ବଡ଼ ପଦକ୍ଷେପ ଗ୍ରହଣ କରିଛି । ସୁସ୍ଥ ଶିଶୁ, ସୁସ୍ଥ ମାଆ, ବିକଶିତ ହେବ ଆମ ଓଡ଼ିଶା - ଏହି ନାରାକୁ ପାଥେୟ କରି ମାଲକାନଗିରିକୁ ଏକ ମଡେଲ ଜିଲ୍ଲାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଜୟପୁର ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳନ ଓ ସଂକୁଳ ବୈଠକ

ଭଦ୍ରକ : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନସ୍ଥ କୁବେରା ଗ୍ରାମ ପଂଚାୟତ ସ୍ଥିତ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ କଣ୍ଢେଇ ଦିବସ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବାଟିକା ପ୍ରମୁଖ ପ୍ରତିଭା ରାଣୀ ସାହୁ ଓ ଗୁରୁମା ରଶ୍ମିତା ସାହୁ ଶିଶୁ ବାଟିକାର ଭାଇ ଭଉଣୀ ମାନଙ୍କୁ ନେଇ ଆୟୋଜନ କରିଥିବା ବେଳେ ଗୁରୁମା ପୂର୍ଣ୍ଣିମା ଖଟୁଆ,ରଶ୍ମିତା ନାୟକ ,ସେବତୀ ତ୍ରିପାଠୀ ଓ ଗୁରୁଜୀ ଦୀପ୍ତିକାନ୍ତ ଯେନା ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ବାସୁଦେବପୁର ସଂକୁଳର ସଂକୁଳ ପ୍ରମୁଖ କିଶୋର କୁମାର ନାୟକଙ୍କ ପୌରହିତ୍ୟରେ ସଂକୁଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଭଦ୍ରକ ବିଭାଗ ନିରୀକ୍ଷକ ମାନନୀୟ ସୁବ୍ରତ କୁମାର ମୁଖାର୍ଜୀ ଯୋଗଦେଇ ମାର୍ଗଦର୍ଶନ କରିଥିବା ବେଳେ,ସଂକୁଳ ସଂଯୋଜକ ମଦନମୋହନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ ।ପ୍ରଧାନ ଆଚାର୍ଯ୍ୟ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସହ ସଂଯୋଜକ ମୃତ୍ୟୁଞ୍ଜୟ ନାୟକ, ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କୁମାର ବେହେରା, ରବୀନ୍ଦ୍ର କୁମାର ନାୟକ, ରାଜେଶ କୁମାର ପରିଡା, ଦିବାକର ପରିଡା, ଆଦିକନ୍ଦ ମଲ୍ଲିକ ଓ ପ୍ରଧାନ ଆଚାର୍ଯ୍ୟା କୁହେଳିକା ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ଭରତ ଚରଣ ବାରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଓ ମିଶନ ବାତ୍ସଲ୍ୟ ଯୋଜନା ପ୍ରଶିକ୍ଷଣ ଶିବିର

ସମ୍ବଲପୁର : ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଶିଶୁ ସୁରକ୍ଷା ଏବଂ 'ମିଶନ ବାତ୍ସଲ୍ୟ' ଯୋଜନାର ସଫଳ ରୂପାୟନ ନେଇ ଏକ ଦିନିକିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସୁଚିସ୍ମିତା ପଟ୍ଟନାୟକ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ୟୁନିସେଫ୍ ର ଶିଶୁ ସୁରକ୍ଷା ପରାମର୍ଶଦାତା ଘସିରାମ ପଣ୍ଡା ମୁଖ୍ୟ ସମ୍ପାଦକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ 'ମିଶନ ବାତ୍ସଲ୍ୟ' ଯୋଜନାର ବିଭିନ୍ନ ଦିଗ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ଏହାପରେ ପୋଷ୍ୟ ସନ୍ତାନ ଅଧିନିୟମ ୨୦୨୨ ଏବଂ ବେଆଇନ ପୋଷ୍ୟତାକୁ ରୋକିବା ପାଇଁ ରହିଥିବା ସରକାରୀ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ରାଜ୍ୟ ପରାମର୍ଶଦାତା (ୟୁନିସେଫ) ଘାସିରାମ ପଣ୍ଡା ଓ ଏଡ୍ ଆଣ୍ଡ ଆକ୍ସନ ପକ୍ଷରୁ ପରାମର୍ଶଦାତ୍ରୀ ସୁନୀତା ତ୍ରିପାଠୀ ସମ୍ପଦ ବ୍ୟକ୍ତି ଭାବେ ଯୋଗଦେଇ 'କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ)ଜୁଭେନାଇଲ୍ ଜଷ୍ଟିସ୍(କେୟାର ଏଣ୍ଡ ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍)',ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ" ଏବଂ ୧୦୯୮ ଚାଇଲ୍ଡ ହେଲ୍ପଲାଇନ୍ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିଥିଲେ । ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସରୋଜା ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲୁ, ସୋସିଆଲ୍ ୱେଲଫେର ଅଧିକାରିଣୀ ପ୍ରତିମା ତାନ୍ତିଙ୍କ ସହ ଅନ୍ୟାନ୍ୟ ଗରିମାମୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣରେ ସମସ୍ତ ସିଡିପିଓ, ପ୍ରୋଗ୍ରାମ ଅଫିସର, ସୁପରଭାଇଜର, ସିଡବ୍ଲୁସି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହିତ ବିଭିନ୍ନ ଶିଶୁ ଯତ୍ନ ସଂସ୍ଥା, ଶକ୍ତି ସଦନ, ଓନ୍ ଷ୍ଟପ୍ ସେଂଟରର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା ।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ

କନ୍ଧମାଳ : କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ଫୁଲବାଣୀ ସ୍ଥିତ ଡ୍ରିମଲାଣ୍ଡ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ ପରେ ପ୍ରଥମେ ସଂଘର ଦିବଙ୍ଗତ ସଦସ୍ୟ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ, ସମ୍ପାଦକୀୟ ବିବରଣୀ ଓ ଅଭିଭାଷଣ ରଖିଥିଲେ । କୋଷାଧ୍ୟକ୍ଷଙ୍କ ଦ୍ୱାରା ବାର୍ଷିକ ଆୟ ବ୍ୟୟ ବିବରଣୀ ପ୍ରଦାନ ପରେ, ସଭାପତି ତାଙ୍କ ଅଭିଭାଷଣରେ ଚଳିତ ବର୍ଷ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଯାହା ବରିଷ୍ଠ ନାଗରିକ ତଥା ସେମାନଙ୍କ ପରିବାର କଲ୍ୟାଣ ଦିଗରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସମାଜ ସଂସ୍କାରମୂଳକ ସଚେତନତା କାର୍ଯ୍ୟକ୍ରମ ସମେତ ଆଗକୁ ସଂଘ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ନବକିଶୋର ରଥ, ଅନନ୍ତ ଚରଣ ମିଶ୍ର, ବିଜୟ କୁମାର ମହାନ୍ତି, ପିତାମ୍ବର ମିଶ୍ର, ରବି ସୁବୁଦ୍ଧି, ବ୍ରଜ ପଟ୍ଟନାୟକ ଏବଂ ଅନ୍ୟ ସଦସ୍ୟ ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଂଗଠନ ସମ୍ପାଦକ ବଂଶୀଧର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ତାଳପାଲିପଡା ଶ୍ରୀରାମମନ୍ଦିର ବିଗ୍ରହପ୍ରତିଷ୍ଠା ଉତ୍ସବ ଆରମ୍ଭ

ବଲାଙ୍ଗିର : ବଲାଙ୍ଗିର ତାଳପାଲିପଡାରେ ପୁନଃନିର୍ମାଣ ହୋଇଥିବା ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଉତ୍ସବ ଆଜିଠାରୁ ଆରମ୍ଭ ହୋଇଯାଇଛି । ଆୟୋଜକ କମିଟି ସହିତ ପଡାର ଶତାଧିକ ମହିଳା/ପୁରୁଷ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଓ ଚବିଶପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି ଚନ୍ଦ୍ରମଣୀ ତ୍ରୀପାଠୀ ସୂଚନା ଦେଇଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ଆୟୋଜକ କମିଟିର ସଭାପତି ଭାବରେ ଚନ୍ଦ୍ରମଣୀ ତ୍ରୀପାଠୀ, ଉପସଭାପତି -ଋଷଭ ପୁଟେଲ, ଜାହ୍ନବୀ ନାଏକ, ସଂପାଦକ ଅରବିନ୍ଦ ପରୁଆ, ସହସଂପାଦକ ଅଶ୍ୱିନୀ ସାଏ ଓ ସହକୋଷାଧ୍ୟକ୍ଷ ଦୁର୍ବାଦଳ ପଟେଲ ରହିଛନ୍ତି । ମନ୍ଦିରପ୍ରତିଷ୍ଠା କର୍ତା ଭାବରେ ଦେବାନନ୍ଦ ପଟେଲ ଓ ତାଙ୍କ ଧର୍ମପତ୍ନୀ ଜୟନ୍ତି ପଟେଲ, ଚବିଶପ୍ରହର ନାମ ଯଜ୍ଞରେ କର୍ତାଭାବେ ରାମକୃଷ୍ଣ ସାଏ ଓ ତାଙ୍କ ଧର୍ମପତ୍ନୀ ଦିପ୍ତିମୟୀ ସାଏ ରହିବେ । କଆଗାଁର ସୁଶାନ୍ତ ମିଶ୍ର ପୂଜକ ଦାୟିତ୍ୱ ନେଇଛନ୍ତି । କମିଟି ସହିତ ପଡାର ବରିଷ୍ଠ ନାଗରିକମାନେ ଉପଦେଷ୍ଟା ରହିଛନ୍ତି । ଆସନ୍ତା ୫ ଦିନ ଧରି ବଲାଙ୍ଗିର ସହରର ତାଳପାଲିପଡା ଉତ୍ସବମୁଖର ହେବ । ତାଳପାଲିପଡାରେ ପୁନଃନିର୍ମିତ ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଉତ୍ସବ ଓ ଚବିଶପ୍ରହର ନାମଯଜ୍ଞ ପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାଲିଛି । ଆଜି କଳସ ଶୋଭାଯାତ୍ରା ତଥା ଅଧିବାସ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇ ୨୫ ତାରିଖରେ ବିଗ୍ରହପ୍ରତିଷ୍ଠା ଓ ୨୬ ତାରିଖରେ ସିଂଘାସନ ଆରୋହଣ, ଗର୍ଭଗୃହରେ ଷୋଡଶଉପଚାର ପୂଜା ସହିତ ପୂର୍ଣ୍ଣାହୂତି କରାଯିବ । ପ୍ରତ୍ୟେକଦିନ ହୋମଯଜ୍ଞ ସହିତ ନାମସଂକିର୍ତନ କରାଯିବ । ଶେଷଦିନରେ ଛତିଶଗଡ ଝାରବନ୍ଧ ଓ ଧାନବସାର ବୈଠକୀ କିର୍ତନ ମୁଖ୍ୟଆକର୍ଷଣ ରହିଛି । ତାଳପାଲିପଡାର ବିଶିଷ୍ଟବ୍ୟକ୍ତିଙ୍କୁ ନେଇ ଆୟୋଜକ କମିଟି ଗଠନ କରାଯାଇଛି । ପଡାର ସମସ୍ତେ ସହଯୋଗର ହାତ ବଢାଉଛନ୍ତି । ପଡାର ସମସ୍ତବର୍ଗର ଲୋକ ଏଥିରେ ସାମିଲ ହୋଇଛନ୍ତି । ରାଜନୈତିକ ଭେଦଭାବ ଠାରୁ ଦୂରରେ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯୁବଗୋଷ୍ଠୀ ବାହାରିଛନ୍ତି । ଗତ ୨ବର୍ଷ ତଳେ ମନ୍ଦିରର ରତ୍ନମୁଦ କରାଯାଇଥିଲା । କଳିକେଶ ନାରାୟଣ ସିଂଦେଓ ସାଂସଦ ଥିବାବେଳେ ପ୍ରଥମକରି ଏହି ମନ୍ଦିର ପୁନଃରୁଦ୍ଧାର ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ । ପରେ ରତ୍ନମୁଦ କାର୍ଯ୍ୟକ୍ରମ ବେଳେ ଆଉ ଅନୁଦାନ ଦେଇ ମନ୍ଦିରକାମକୁ ସଂପୂର୍ଣ୍ଣ କରାଇବାକୁ ପଡାବାସୀ ଅନୁରୋଧ କରିଥିଲେ । ଲୋକଙ୍କ ଦାବିକୁ ନେଇ କଳିକେଶ ନାରାୟଣ ସିଂଦେଓ ଓ ପୌରାଧ୍ୟକ୍ଷା ଅନୁଦାନ ଯୋଗାଡ କରି ଦେଇଥିଲେ, ଯାହାଦ୍ୱାରା ମନ୍ଦିରଟି ସଂପୂର୍ଣ୍ଣ ହୋଇପାରିଛି । ବିଗ୍ରହପ୍ରତିଷ୍ଠା ଉତ୍ସବରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ ଓ କାଉନସିଲର ଅରବିନ୍ଦ ପରୁଆ ଉପସ୍ଥିତ ରହିବେ ବୋଲି ପ୍ରତିଶୃତି ଦେଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# କ୍ଷତିଗ୍ରସ୍ତ ଚିନାବାଦାମ ଚାଷୀ

ନୂଆପଡ଼ା : ଚିନାବାଦାମ ଏକ ଲାଭଜନକ ଚାଷ, ଖାଇବା ପାଇଁ ସ୍ୱାଦିଷ୍ଟ ଲାଗୁଥିବାରୁ ଏହାର ବଜାର ଚାହିଦା ମଧ୍ୟ ବେଶୀ । କିନ୍ତୁ ଏହି ଚାଷ କରି ଏବର୍ଷ କ୍ଷତି ସହିଥିବାର ଅଭିଯୋଗ କରିଛନ୍ତି ଚାଷୀ । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗ୍ରାମରେ ଚିନାବାଦାମ ଚାଷ କରାଯାଏ । ବିଶେଷ କରି ନଦୀକୂଳ ଗାଁ ସବୁରେ ଏହି ଚାଷ ବହୁଳ ପରିମାଣରେ କରାଯାଏ । ଏହି ବ୍ଲକର ତୁକଲା ଗ୍ରାମ ପଂଚାୟତର ତୁକଲା ଓ ମାଲପଡ଼ା ଗ୍ରାମରେ ଶତାଧିକ ଏକର ଜମିରେ ଚିନାବାଦାମ ଚାଷ କରି ଭଲ ଦୁଇ ପଇସା ଉପାର୍ଜନ କରନ୍ତି ଚାଷୀ । ଏବର୍ଷ କିନ୍ତୁ ଭଲ ଅମଳ ହୋଇ ପାରିଲା ନାହିଁ । ଜଳସେଚନ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଭରସାରେ ଚାଷ କରିଥାନ୍ତି ଚାଷୀ । ଏବର୍ଷ ମଧ୍ୟ ବହୁତ ଆଶା ନେଇ ଚାଷୀ ମାନେ ଚିନାବାଦାମ କରିଥିଲେ । ସରକାରୀ ବିହନ ମିଳୁ ନଥିବାରୁ ନିଜେ କିଣି କି ରୋପଣ କରିଥିଲେ । ଅନେକ ଚାଷୀ ଧାର କରଜ ମଧ୍ୟ କରିଥିଲେ । ଗୋଟିଏ ଏକର ଜମିରେ ପ୍ରାୟ ଦଶ ରୁ ପନ୍ଦର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କୋଡିଏରୁ ପଚିଶ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ । କିନ୍ତୁ ଏବର୍ଷ ମୂଳ ମଧ୍ୟ ମିଳି ପାରୁନାହିଁ । କାରଣ ଠିକ ସମୟରେ ବର୍ଷା ହେଲାନାହିଁ । ଏଣୁ ଚିନାବାଦାମ ଗଛ ମରିବାକୁ ବସିଲା ଓ ଫଳ ଧରିଲା ନାହିଁ ।ଉତ୍ପାଦନ କମି ଯିବାରୁ ଚାଷୀ ଏବେ ଚିନ୍ତାରେ ।ଧାର କରଜ ସୁଝିବେ କିପରି ଭାବି ପାରୁନାହାଁନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଚିନାବାଦାମ ଚାଷ ପାଇଁ ସରକାରୀ ସହଯୋଗ ବ୍ୟବସ୍ଥା ରହିଛି କିନ୍ତୁ ପ୍ରକୃତ ଚାଷୀଙ୍କୁ କୌଣସି ସହାୟତା ମିଳି ପାରୁ ନାହିଁ । ବାହାରୁ ଚାଷୀ କିଣୁଥିବା ବିହନ ଠିକ ଫଳ ଧରୁନି । କୌଣସି ବୀମାରେ ସାମିଲ କରାଯାଉନାହିଁ । ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ମଣ୍ଡି ବ୍ୟବସ୍ଥା ନଥିବାରୁ ଚାଷୀ ବେପାରୀକୁ କମ୍ ମୂଲ୍ୟରେ ବିକି ଦେବାକୁ ବାଧ ହେଉଛି ।





# ସହଭାଗିତାର ଶକ୍ତି: ଯକ୍ଷ୍ମା ବିରୁଦ୍ଧରେ ଭାରତର ବିଜୟ



ଶ୍ରୀ ଜଗତ ପ୍ରକାଶ ନଡ୍ଡା

ଆଜି, ଭାରତ ଆଉ ଏକ 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନ - ଏକ ୧୦୦ ଦିନିଆ ଅଭିଯାନ - ଆରମ୍ଭ କରୁଥିବା ସମୟରେ ମୁଁ ଅତ୍ୟନ୍ତ ଗର୍ବ ଏବଂ ନୂତନ ଆଶା ସହିତ ଯକ୍ଷ୍ମା (ଟିବି) ଦୂର କରିବା ପାଇଁ ଆମର ଯାତ୍ରାକୁ ଦେଖୁଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଯକ୍ଷ୍ମା ନିରାକରଣ ପ୍ରତି ଭାରତର ପଦକ୍ଷେପ ଅତୁଳନୀୟ । ଏହା ଜନ-ଭାଗୀଦାରୀ ଉପରେ ଆଧାରିତ ଏବଂ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ସାମୂହିକ ଦାୟିତ୍ୱର ଭାବନାରେ ପରିପୂର୍ଣ୍ଣ । ମିଶନ ଇନ୍ଦ୍ରଧନୁଷ ଭଳି ପ୍ରମୁଖ ପଦକ୍ଷେପର ସଫଳତାକୁ ବ୍ୟବହାର କରି ଏବଂ ଗୋଷ୍ଠୀ ସ୍ତରରେ 'ସୁସ୍ଥ ମହିଳା, ସଶକ୍ତ ପରିବାର' ବାର୍ତ୍ତାକୁ ଦୃଢ଼ କରି, ଏହି 'ସମଗ୍ର ସମାଜ' ଆଭିମୁଖ୍ୟ ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବଶାଳୀତା ପ୍ରମାଣିତ କରିଛି । ଡିସେମ୍ବର ୨୦୨୪ ରେ ଆରମ୍ଭ ହୋଇଥିବା ୧୦୦ ଦିନିଆ 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନର ଅଭିଜ୍ଞତା ଲୋକଙ୍କ ଶକ୍ତି ଉପରେ ଆମର ବିଶ୍ୱାସକୁ ଆହୁରି ଦୃଢ଼ କରିଛି । ଯାହା ଏକ ଚିକିତ୍ସା ଅଭିଯାନ ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଛି । ଫଳାଫଳଗୁଡ଼ିକ ନିଜେ କହିଥାଏ: ୨୦୧୫ ପରଠାରୁ, ଭାରତରେ ଯକ୍ଷ୍ମା ଆକ୍ରମଣରେ ୨୧% ହ୍ରାସ ଘଟିଛି - ଯାହା ବିଶ୍ୱ ହାରର ପ୍ରାୟ ଦୁଇଗୁଣ - ଏବଂ ଯକ୍ଷ୍ମା ମୃତ୍ୟୁହାରରେ ୨୫% ହ୍ରାସ ଘଟିଛି । ଏହା ଦର୍ଶାଏ ଯେ ବିଜ୍ଞାନ, ବ୍ୟବସ୍ଥା ଏବଂ ସମାଜ ଏକତ୍ରିତ ଭାବରେ କାମ କଲେ କ'ଣ ହାସଲ କରାଯାଇପାରିବ । ଆଜି, ଯକ୍ଷ୍ମା ବିରୁଦ୍ଧରେ ଭାରତର ଯୁଦ୍ଧ ସାମୂହିକ ଅଂଶଗ୍ରହଣର ଶକ୍ତିକୁ ଉଦାହରଣ ଦିଏ । କେନ୍ଦ୍ରୀୟ ମନ୍ତ୍ରଣାଳୟଠାରୁ ଗ୍ରାମ ପଂଚାୟତ ପର୍ଯ୍ୟନ୍ତ, ଏବଂ ଡାକ୍ତରଙ୍କଠାରୁ ନିର୍ବାଚିତ ପ୍ରତିନିଧି ପର୍ଯ୍ୟନ୍ତ, ସମସ୍ତେ ଏଥିରେ ସାମିଲ ଅଛନ୍ତି । ଚିକିତ୍ସା ସମାପ୍ତ କରିଥିବା ରୋଗୀମାନେ ମଧ୍ୟ ଅନ୍ୟମାନଙ୍କୁ ସମର୍ଥନ କରିବା ପାଇଁ 'ଟିବି ଚାମ୍ପିଅନ୍' ଭାବରେ ଆଗକୁ ବଢୁଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୫ ଟି ଅନ୍ୟ ମନ୍ତ୍ରଣାଳୟ, ସମସ୍ତ ପଂଚାୟତିରାଜ ପ୍ରତିଷ୍ଠାନ ଏବଂ ସାମୁଦାୟିକ ସଂଗଠନ ସହିତ ହାତ ମିଳାଇଛି ଯାହା ସେମାନଙ୍କର ବିଶେଷଜ୍ଞତା, ନେଟୱାର୍କ ଏବଂ ଭିତିଭୂମିକୁ ଉପଯୋଗ କରିବ । 'ମେରା ଭାରତ' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ଉତ୍ସାହୀ ଅଂଶଗ୍ରହଣ ସମାନ ଭାବରେ ପ୍ରେରଣାଦାୟକ ହୋଇଛି । ୨ ଲକ୍ଷ ରୁ ଅଧିକ 'ମେରା ଭାରତ' ସ୍ୱେଚ୍ଛାସେବୀ ଯକ୍ଷ୍ମା ରୋଗୀଙ୍କୁ ମାନସିକ ସାମାଜିକ ସହାୟତା ପ୍ରଦାନ କରିବା ପାଇଁ ପଞ୍ଜୀକୃତ କରିଛନ୍ତି । ଚିକିତ୍ସା ଅନୁପାଳନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କର ସମ୍ମାନକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛନ୍ତି । ବିଜ୍ଞାନ ଏବଂ ନବସୃଜନ ମାଧ୍ୟମରେ ପ୍ରଭାବ : ନୂତନ ପ୍ରମାଣ ଏବଂ ଉଦୀୟମାନ ଚ୍ୟାଲେଞ୍ଜର ପ୍ରତିକ୍ରିୟାରେ ଆମର ରଣନୀତି ନିରନ୍ତର ବିକଶିତ ହୋଇଛି । ଭାରତର ଜାତୀୟ ଯକ୍ଷ୍ମା ପ୍ରଚଳନ ସର୍ଭେ ପ୍ରକାଶ କରିଛି ଯେ ଅଧା ରୋଗୀ ସାଧାରଣ ଲକ୍ଷଣ ପ୍ରଦର୍ଶନ କରନ୍ତି ନାହିଁ, ଯାହା ଲକ୍ଷଣହୀନ, ଦୁର୍ବଳ ଜନସଂଖ୍ୟା ମଧ୍ୟରେ ସକ୍ରିୟ ସ୍କ୍ରିନିଂ ଆଡ଼କୁ ଏକ ରଣନୈତିକ ପରିବର୍ତ୍ତନକୁ ପ୍ରେରଣା ଦିଏ । ନୀରବ ମାମଲାଗୁଡ଼ିକ ସଂକ୍ରମଣର ପ୍ରସାରକୁ ବ୍ୟାପକ କରିଥାଏ - ଜଣେ ଅଜଣା ରୋଗୀ ଅଜାଣତରେ ଅନ୍ୟମାନଙ୍କୁ ରୋଗ ସଂକ୍ରମଣ କରିପାରନ୍ତି, ଯାହା ପ୍ରାରମ୍ଭିକ ସ୍କ୍ରିନିଂକୁ କେବଳ ଏକ ଆବଶ୍ୟକତା ନୁହେଁ, ବରଂ ଏକ ନାଗରିକ ଦାୟିତ୍ୱ କରିଥାଏ । ନିକ୍ଷୟ ବାହନ- ଏଆଇ-ସକ୍ଷମ ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଏବଂ ଉନ୍ନତ ଆଣବିକ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ - ସର୍ବାଧିକ ବିପଦରେ ଥିବା ସମ୍ପ୍ରଦାୟ ପାଇଁ ସହଜ ସ୍କ୍ରିନିଂକୁ ସୁବିଧା ପ୍ରଦାନ କରେ । ଆଜି ପର୍ଯ୍ୟନ୍ତ, ଏହି ପଦକ୍ଷେପ ୨୦୦ ନିୟୁତରୁ ଅଧିକ ଲୋକଙ୍କ ସ୍କ୍ରିନିଂ କରିଛି, ଯାହା ୩.୨୬୫ ନିୟୁତ ଯକ୍ଷ୍ମା ମାମଲା ଚିହ୍ନଟ କରିଛି - ଯେଉଁଥିରେ ୧.୦୯ ନିୟୁତ ଲକ୍ଷଣହୀନ ମାମଲା ଅନ୍ତର୍ଭୁକ୍ତ ଯାହା ଅନ୍ୟଥା ନିର୍ଣ୍ଣୟ ହୋଇ ନଥାନ୍ତା । ଏହି ଗତିକୁ ବଜାୟ ରଖି, ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ପରବର୍ତ୍ତୀ ୧୦୦-ଦିନିଆ ଅଭିଯାନରେ ୩୦୦୦ ରୁ ଅଧିକ ଏଆଇ-ଚାଳିତ ପୋର୍ଟେବଲ୍ ଏକ୍ସ-ରେ ୟୁନିଟ୍ ଏବଂ ପରବର୍ତ୍ତୀ ପିଢ଼ିର ଡାଇଗ୍ନୋଷ୍ଟିକ୍ ମେସିନ୍ ନିୟୋଜିତ କରାଯିବ । ଡାଟା-ଚାଳିତ ଉପକରଣଗୁଡ଼ିକ ଉଚ୍ଚ-ବିପଦପୂର୍ଣ୍ଣ ଗ୍ରାମ ଏବଂ ସହରାଂଚଳ ୱାର୍ଡଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିବ ଯେଉଁଠାରେ ସ୍କ୍ରିନିଂ ସର୍ବାଧିକ ପ୍ରଭାବ ପକାଇପାରେ । ଭାରତ ଦ୍ରୁତ ସହରୀକରଣ ଦେଇ ଗତି କରୁଛି । ଏହାର ଘନ ଜନସଂଖ୍ୟା ଏବଂ ଦୁର୍ବଳ ସମ୍ପ୍ରଦାୟକୁ ଦୃଷ୍ଟିରେ ରଖି, ଯଦି ନିରୀକ୍ଷଣ ଏବଂ ଯତ୍ନ ବ୍ୟବସ୍ଥାକୁ ସୁଦୃଢ଼ କରାନଯାଏ, ତେବେ ଏହି ରୋଗ ଉପଯୁକ୍ତ ଭାବରେ ଚିହ୍ନଟ ହୋଇ ପାରିବ ନାହିଁ । ତେଣୁ, ଆମେ ଉଚ୍ଚ ବିପଦପୂର୍ଣ୍ଣ ସହରାଂଚଳ - ଯେପରିକି ଅନୌପଚାରିକ ବସତି, ପ୍ରବାସୀ ଶ୍ରମିକ କ୍ଲଷ୍ଟର ଏବଂ ଅନ୍ୟାନ୍ୟ ଦୁର୍ବଳ ଜନସଂଖ୍ୟା ଉପରେ ଆମର ପ୍ରୟାସକୁ କେନ୍ଦ୍ରିତ କରୁଛୁ ।

ଆଗକୁ ଯିବାର ମାର୍ଗ: ଯେତେବେଳେ ଆମେ ଆଗକୁ ବଢୁଛୁ, ଆମର ଜନାଦେଶ କ୍ରମଶଃ ସ୍ୱଷ୍ଟ ହୋଇଯାଏ: ଆମେ ହାସଲ କରିଥିବା ଗତିକୁ ବଜାୟ ରଖିବା ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରିବା । ଭାରତ ଏପରି ଏକ ରାଷ୍ଟ୍ର ଯାହା ଆମର ପ୍ରୟାସରେ ଯୋଗଦାନ କଲେ ନିଶ୍ଚିତ ଭାବରେ ସଫଳ ହେବ । ଆମେ ପୋଲିଓ ନିରୁପଣ ପାଇଁ ଏକତ୍ରିତ ହୋଇ କାମ କରିଛୁ । ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଆମେ ରେକର୍ଡ ସମୟରେ ଏକ ବିଲିୟନରୁ ଅଧିକ ଲୋକଙ୍କୁ କୋଭିଡ୍-୧୯ ବିରୁଦ୍ଧରେ ଟୀକାକରଣ କରିଛୁ । 'ମେଡ୍ ଇନ୍ ଇଣ୍ଡିଆ' ବିକାଶ ରଣନୀତି ଦ୍ୱାରା ଚାଳିତ, ଆମେ ଆଶାରୁ ନିଶ୍ଚିତତା ଆଡ଼କୁ ଗତି କରିଛୁ । ଆମେ ଏହି ସହଭାଗୀ ମିଶନରେ ପ୍ରତ୍ୟେକ ନାଗରିକ, ଅନୁଷ୍ଠାନ ଏବଂ ଯୁବ ପ୍ଲାଟଫର୍ମକୁ ସାମିଲ କରି ପ୍ରାରମ୍ଭିକ ସ୍କ୍ରିନିଂକୁ ବୃଦ୍ଧି କରିବା, ରୋଗ ନିର୍ଣ୍ଣୟ ପାଇଁ ପ୍ରବେଶକୁ ବିସ୍ତାର କରିବା ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ବ୍ୟାପକ କରିବା ଜାରି ରଖିବୁ । ଯକ୍ଷ୍ମା ବିରୁଦ୍ଧରେ ଭାରତର ଅଭିଯାନ କେବଳ ଏକ ଜନସ୍ୱାସ୍ଥ୍ୟ ପଦକ୍ଷେପ ନୁହେଁ; ଏହା ଏକ ଜନ ଆନ୍ଦୋଳନ । ଏକ ସାଧାରଣ ଉଦ୍ଦେଶ୍ୟ ପାଇଁ ଏକତ୍ରିତ ହେବାର ଆମ ଦେଶର କ୍ଷମତାର ପ୍ରମାଣ । ଯଦି ଆମେ ଏକ ହୋଇ ରହିଥାଉ, ତେବେ ଆମେ ନିଶ୍ଚିତ କରିପାରିବା ଯେ ପରବର୍ତ୍ତୀ ପିଢ଼ି ଯକ୍ଷ୍ମାକୁ କେବଳ ଇତିହାସର ଏକ ଅଧ୍ୟାୟ ଭାବରେ ଜାଣିପାରିବେ, ସେମାନଙ୍କ ଜୀବନର ଏକ ବାସ୍ତବତା ଭାବରେ ନୁହେଁ । ଏହା ହେଉଛି ସେହି ଭାରତ ଯାହାକୁ ଆମେ ନିର୍ମାଣ କରିବାକୁ ଚେଷ୍ଟା କରୁଛୁ । ଏହା ହେଉଛି ସେହି ଭାରତ ଯାହାକୁ ଆମେ ଏକାଠି ସୃଷ୍ଟି କରିବୁ । ମୁଁ ନିଶ୍ଚିତ ଯେ ଆମର ସାମୂହିକ ପ୍ରୟାସ ମାଧ୍ୟମରେ, ଆମେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସଂକଳ୍ପ 'ହଁ, ଆମେ ଯକ୍ଷ୍ମାକୁ ସମାପ୍ତ କରିପାରିବା'' କୁ ସାକାର କରିବୁ ।

***(ଲେଖକ ହେଉଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ତଥା ସାର ମନ୍ତ୍ରୀ ।)***

# ଜିଲ୍ଲାପାଳଙ୍କ ଧଳାପଥର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି

ଖୋର୍ଦ୍ଧା(ନିପ୍ର): ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଧଳାପଥର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ପଲ୍ଲୀରେ ଜିଲ୍ଲା ପ୍ରଶାସନିକ ଜନଶୁଣାଣି କରି ଜନ ସାଧାରଣ ମାନଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି । ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ , ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ । ଅଭିଯୋଗ ଶୁଣାଣି ରେ ମୋଟ ୯୭ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୧ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୬ ଗୋଟି ଅଭିଯୋଗ ଆସିଥିଲା । ଶିବିରରେ ତତ୍କାଳ ୦୬ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଅଭିଯୋଗ କାରୀ ପ୍ରମିଳା ବରାଳ, ଗ୍ରାମ: ସାନ ହନ୍ତୁଆଡ, ଗ୍ରାମ ପଂଚାୟତ: ଗାଲୁଆଙ୍କୁ ତାଙ୍କ ପୁଅର ମୃତ୍ୟୁ କାଳୀନ ସହାୟତା ପାଇଁ ୨୫ ହଜାର , ଜୟନ୍ତୀ ସୁନ୍ଦରାୟ,ଗ୍ରାମ: ସାନ ହନ୍ତୁଆଡ, ଗ୍ରା: ପ: ଗାଲୁଆ, ବୋଲଗଡ଼ଙ୍କୁ ଦୁର୍ଘଟଣା ଜନିତ ଆର୍ଥିକ ସହାୟତା ନିମନ୍ତେ ୨୫ ହଜାର, ଅଭରି ଚରଣ ତାଡ଼ ,ଗ୍ରାମ: ବଡନୟାପଲ୍ଲୀ, ବୋଲଗଡଙ୍କୁ ୧୦ ହଜାର, ବର୍ଷାରାଣି ବାରିକ, ଗ୍ରାମ: ବଡ଼ ନୟାପଲ୍ଲୀ, ବୋଲଗଡଙ୍କୁ ୧୦ ହଜାର ଏବଂ ଶ୍ରଦ୍ଧାଞ୍ଜଳି ମହାପାତ୍ର, ଗ୍ରାମ: ଦଳ ବେହେରା ପାଟଣା, ବୋଲଗଡଙ୍କୁ ପାଠ ପଢା ପାଇଁ ୧୦ ହଜାର ଆର୍ଥିକ ସହାୟତାକୁ ନେଇ ମୋଟ ୮୦ ହଜାର ଟଙ୍କା ଆର୍ଥିକ ସହାୟତା ପଲ୍ଲୀରେ ପ୍ରଶାସନ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଜନସଚେତନତା ଷ୍ଟଲ ଗୁଡ଼ିକୁ ଜିଲ୍ଲାପାଳ, ମାନ୍ୟବର ବିଧାୟକ, ଆରକ୍ଷୀ ଅଧିକ୍ଷକ ପରିଦର୍ଶନ କରିଥିଲେ । ଅଭିଯୋଗ ଶୁଣାଣୀ ରେ ସଂପୃକ୍ତ ବ୍ଲକର ବି ଡି ଓ ସୁମନ ସୁଦ୍ଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀ, ସରପଂଚ ନାରାୟଣ ସାହୁଙ୍କ ସମେତ ବ୍ଲକର ବିଭିନ୍ନ ପଂଚାୟତର ଜନ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# କଳାବାଘ ଛାଲ ଜବତ, ୯ ଗିରଫ



ବାରିପଦା(ନିପ୍ର): ରବିବାର ବାରିପଦା ବନଖଣ୍ଡ ଅଂଚଳରେ କଳବାଘ ବା ମିଲେନିଷ୍ଟିକ ଟାଇଗର ଚମଡା ଧରାପଡ଼ିବା ଘଟଣାରେ ଗିରଫ ସଂଖ୍ୟା ୨ରୁ ବଢ଼ି ୯ ରେ ପହଂଚିଛି । ବିଶ୍ୱାସ ସୂତ୍ରରୁ ଖବର ପାଇ କୁଳିଅଣା ଅଂଚଳରୁ ରବିବାର ବାଘଚମଡା ଡ଼ିଲ ବେଳେ ୨ଜଣଙ୍କୁ ମାଡ଼ି ବସିଥିଲା ବନବିଭାଗର ସ୍ୱତନ୍ତ୍ର ଦଳ । ଚମଡାଟି ଜବତ ହେବାପରେ ଶିକାର ବାଘର ବୟସ ପ୍ରାୟ ୩ବର୍ଷ ହେବା ଏବଂ ପ୍ରାୟ ମାସେ ଆଗରୁ ଉଦଳା ରେଞ୍ଜ ଅଂଚଳରେ କଳା ବାଘଟି ଶୀକାର ହୋଇଥିବା ସୂଚନା ଦେଇଛି ବନବିଭାଗ. ତେବେ ଗତକାଲି ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଉ ୭ ଜଣଙ୍କୁ ଧରିବାରେ ବନ ବିଭାଗ ସଫଳ ହୋଇଥିବା ବେଳେ ମୁଖ୍ୟ ଆସାମୀ ବା ଶିକାରୀ ଏପର୍ଯ୍ୟନ୍ତ ଧାରା ପଡ଼ିନାହିଁ । ଧରା ପଡ଼ିଥିବା ୯ ଜଣଙ୍କ ମଧ୍ୟରେ ୩ ଜଣ ସହଯୋଗୀ ଶିକାରୀ ଥିବା ବେଳେ ୬ଜଣ ଚମଡା ବେପାରୀ ସାମିଲ ଅଛନ୍ତି । ପଚରାଉଚରା ପରେ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଏଯାଏଁ ମୁଖ୍ୟ ଶିକାରୀ ଧରା ପଡ଼ିଥିବାରୁ ବନ ବିଭାଗର ଏକାଧିକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ସହିତ ଛାନଭିନ ଜାରୀରଖିଛି । ଆଗକୁ ଗିରଫ ସଂଖ୍ୟା ଆହୁରି ଅଧିକ ହେବ ବୋଲି ସୂଚନା ଦେଇଛନ୍ତି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ । ତେବେ ଶିମିଳିପାଳରେ ବାଘ ବଂଶ ବୃଦ୍ଧି ପାଉଥିବା ବେଳେ ପୁଣିଥରେ କଳା ବାଘ ଶିକାର ବନ ବିଭାଗ ଏବଂ ପରିବେଶବିତଙ୍କ ଚିନ୍ତା ବଢ଼ାଇ ଦେଇଛି । ଶିମିଳିପାଳ ଅଭୟାରଣ୍ୟକୁ ଶିକାର ମୁକ୍ତ କରିବା ପାଇଁ ବନ ବିଭାଗ ତଥା ସରକାର ଏଆଇ କ୍ୟାମେରା, ସ୍ୱେଶାଲ ପ୍ରଟେକ୍ସନ ଫୋର୍ସ ମୁତୟନ, ମହାରାଷ୍ଟ୍ରର ତଡ଼ବା ଅଭୟାରଣ୍ୟରୁ ଯମୁନା ଏବଂ ଜିନ୍ନତ ନାମକ ଦୁଇ ବାଘୁଣୀକୁ ଶିମିଳିପାଳ ଅଣାଯିବା ଭଳି ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ୍ୟ କଳାବାଘ ଚମଡା ଜବଦ ହେବା ଘଟଣା ଏବଂ ଉଦଳା ଅଂଚଳରେ ବାଘଟି ମାସେ ତଳେ ଶିକାର ହୋଇଥିବା ଜଣାପଡିବା ପରେ ଏବେବି ଶିମିଳିପାଳରେ ବାଘମାନେ ସୁରକ୍ଷିତ ନଥିବା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଜିଲ୍ଲା ମହୋତ୍ସବ ଯଯାତି-୨୦୨୬ ମହାଆଡ଼ମ୍ବରରେ ଉଦ୍‌ଘାଟିତ

ଯାଜପୁର(ନିପ୍ର): ମହା ଆଡ଼ମ୍ବରରେ ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଉଦଘାଟିତ ହୋଇଯାଇଛି । 'ଯଯାତି -୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲୀଶ୍ରୀ ମେଳା'କୁ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭ ଉଦଘାଟନ କରିଥିଲେ । ଏହା ସହ ମଂଚସ୍ଥ ଅତିଥିମାନେ ସ୍ମରଣିକା 'ଯଯାତି -୨୦୨୬' ର ଶୁଭ ଉନ୍ମୋଚନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ ଯଯାତି ଉତ୍ସବ ହେଉଛି ଏକ ସେତୁ, ଯିଏ ଆମର ପୁରାତନ ରାଜକୀୟ ପରମ୍ପରାକୁ ଆଜିର ଆଧୁନିକ ପିଢ଼ି ସହିତ ଯୋଡ଼ିଥାଏ । ଏହାସହ ମନ୍ତ୍ରୀ ପଲ୍ଲିଶ୍ରୀ ମେଳା ଏବଂ ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ମହିଳା ସଶକ୍ତିକରଣ ହେବା ସହ ହସ୍ତଶିଳ୍ପର ପ୍ରୋତ୍ସାହନ ହୋଇପାରିବ ବୋଲି କହିଥିଲେ । ଅତିଥିମାନେ ଯାଜପୁରର ଐତିହ୍ୟ, ସଂସ୍କୃତି, ସମୃଦ୍ଧ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ସଭା ପ୍ରାରମ୍ଭ ପୂର୍ବରୁ ବିଭିନ୍ନ ଲୋକନୃତ୍ୟ ସହ ରଙ୍ଗିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହା ପରେ ଓଲିଉଡ୍ ?ର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ । ଅଭିନେତ୍ରୀ ଶୀତଲ ପାତ୍ର ମନୋହର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ନୃତ୍ୟ ଗୀତର ଆସରରେ ଯାଜପୁରବାସୀ ନାଚିଥିଲେ ଝୁମିଥିଲେ । ଏହି ଶୁଭ ଉଦଘାଟନ ଅବସରରେ ଲୋକସଭା ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିଂମାଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ସମାଜସେବୀ ଦେବଯାନୀ ପ୍ରଧାନ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ଖଡ଼ଗପୁର ରେଳ ଡିଭିଜନର ଉଚ୍ଚ ପଦାଧିକାରୀଙ୍କ ସହ ନାଗରିକ ମଂଚର ଆଲୋଚନା

ସୋର(ନିପ୍ର): ସୋର ନାଗରିକ ମଂଚର ପ୍ରତିନିଧି ମଣ୍ଡଳୀ ଓ ଦକ୍ଷିଣ-ପୂର୍ବ ରେଳ ବିଭାଗ ଖଡ଼ଗପୁର ଡିଭିଜନର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଡି ଆର ଏମଙ୍କ ଅଫିସରେ ଆଜି ଏକ ଆଲୋଚନା ହୋଇଯାଇଛି । ନାଗରିକ ମଂଚ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦାବିନେଇ ସୋର ରେଳ ଷ୍ଟେସନରେ ଗଣ ଧାରଣା ଫଳରେ ମାର୍ଚ୍ଚ ୨୦ ରେ ଏକ ଦିପାକ୍ଷିକ ଆଲୋଚନା ପାଇଁ ସ୍ଥିର ହୋଇଥିଲା । ଏହି ଆଲୋଚନାରେ ସୋର ରେଳ ଷ୍ଟେସନ ଦେଇ ଦୈନିକ ଯାତାୟତ କରୁଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ଷ୍ଟେସନ ପରିସର ସଫା ରଖିବା, ମୋଟର ସାଇକେଲ ପାର୍କିଙ୍ଗକୁ ଶୃଙ୍ଖଳିତ କରିବା, କୋଚ ଇଣ୍ଡିକେଟର ଲଗାଇବା, କୋଚ ପୋଜିସନ ଜାଣିବା ପାଇଁ ବାରମ୍ବାର ଘୋଷଣା କରିବା, ପିଇବା ପାଣି ଏବଂ ପରିସ୍ରାଗାର ସହ ବିଶ୍ରାମଗର ପ୍ରଭୃତି ଦାବି ଗୁଡ଼ିକ ଉପରେ, ସକାରାତ୍ମକ ଆଲୋଚନା ହେବା ସହ ଦୂରଗାମୀ ଟ୍ରେନ ଯଥା ନନ୍ଦନ କାନନ, ସାଲିମର ଚେନାଇ, ଖଡ଼ଗପୁର ଭେଲୋପୁରମ ଟ୍ରେନକୁ ସୋରରେ ଷ୍ଟପେଜ,ଏବଂ ବାଙ୍ଗିରପୋଷି ଟ୍ରେନରରେ ସଂରକ୍ଷିତ ବଗି ବୃଦ୍ଧି କରିବା, ଖଡ଼ଗପୁର ବାଲେଶ୍ୱର ମେମୋକୁ ଟ୍ରେନକୁ ସୋର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ଗୁଡ଼ିକ ଯାତାର୍ଥ ଏବଂ ରେଲୱେ ବୋଡ଼କୁ ସୁପାରିଶ କରିବାକୁ ପ୍ରତିଶ୍ରୁତି ମିଳିଛି । ସେହିପରି ଏପ୍ରିଲ ମାସରେ ଦ୍ୱିତୀୟ ରେଳ ଉଭର ବ୍ରିଜର ଦ୍ୱିତୀୟ ଗାଡାର କାର୍ଯ୍ୟ ସମାପ୍ତ ହେବା ସହ ଅମୃତ ଭାରତ ଯୋଜନାରେ ନୂତନ ଗୃହ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ । ଯାହାଫଳରେ ସୋର ଷ୍ଟେସନର ସମସ୍ତ ସମସ୍ୟା ଦୂରହୋଇ ପାରିବ । ଏହି ଆଲୋଚନାରେ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ମୋହନ ପାଣ୍ଡେ, ବରିଷ୍ଠ ଡିଭିଜନାଲ ବାଣିଜ୍ୟ ମ୍ୟାନେଜର ଶ୍ରୀନିଶାନ୍ତ କୁମାର ଏବଂ ଡିଭିଜନାଲ ଇଞ୍ଜିନିଅର ବିଶ୍ୱଜିତ ଘୋଷ ଉପସ୍ଥିତ ଥିବାବେଳେ ନାଗରିକ ମଂଚର ତରଫରୁ ସଭାପତି ନେତ୍ରାନନ୍ଦ ରାଉତ,ଉପ ସଭାପତି ମାୟାଧର ନାୟକ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ସହ ସମ୍ପାଦକ ପ୍ରଦୀପକୁମାର ଦାଶ ଏବଂ ମନୋଜ କୁମାର ରାୟ ଉପସ୍ଥିତ ଥିଲେ ।

# ପାନୀୟ ଜଳ ସଙ୍କଟ ଓ ଏହାର ନିରାକରଣ ସମ୍ପର୍କିତ ଆଲୋଚନା ଚକ୍ର




ତାଳଚେର(ନିପ୍ର): ତାଳଚେର ଏକ ଶିଳ୍ପ ଏବଂ ଖଣି ସମୃଦ୍ଧ ଅଂଚଳ ଭାବରେ ସର୍ବତ୍ର ଜଣାଶୁଣା । ଏହି ଅଂଚଳରୁ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଇଲା ଓ ତାପଜ ବିଦ୍ୟୁତ ବିକ୍ରୟ କରି ପ୍ରତ୍ୟେକ ଦିନ ବହୁ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ଏବଂ ଏହି ଅଂଚଳ ଦେଶର ଆର୍ଥନୀତିକୁ ସମୃଦ୍ଧ କରିବାରେ ସର୍ବାଗ୍ରେ ସ୍ଥାନିତ । କିନ୍ତୁ ବଡ ପରିତାପର ବିଷୟ, ଏହି ସହର ପାର୍ଶ୍ୱରେ ଚିରସ୍ରୋତା ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି,ଏହାର ଜଳକୁ ଏଠାରେ ପ୍ରତିଷ୍ଠିତ ସମସ୍ତ କଳକାରଖାନା ଓ କୋଇଲା କମ୍ପାନୀ ପ୍ରଚୁର ପରିମାଣରେ ବ୍ୟବହାର କରୁଛନ୍ତି କିନ୍ତୁ ତାଳଚେର ଅଂଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଏଠାକାର ଜନ ସାଧାରଣ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ପାକ୍ଷୀକ ସମ୍ବାଦପତ୍ର ରାଷ୍ଟ୍ରତନ୍ତ୍ର ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ବ୍ରାହ୍ମଣୀ ନଦୀ ଅବବାହିକାରେ ପାନୀୟ ଜଳ ସଙ୍କଟ ଶୀର୍ଷକ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଉକ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରାଧାପକ ଉପେନ୍ଦ୍ର କୁମାର ପରିଡା ଯୋଗଦେଇ ତାଳଚେର ଅଂଚଳରେ ପାନୀୟ ଜଳ ସଙ୍କଟର କାରଣ ଏବଂ ଏହା କିପରି ଦୂରୀଭୂତ ହେ୍ବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଇଂରାଜୀ ଅଧାପିକା ଶୁଭଦର୍ଶିନୀ ମହାପାତ୍ର ଯୋଗ ଦେଇ ଦେଶ ସ୍ୱାଧୀନତାର ଆଠ ଦଶକ ଅତିକ୍ରମ କରିଛି ହେଲେ ଯେଉଁ ମାଟିର ମଣିଷ ଦେଶର ଆର୍ଥିକ ସମ୍ବଳ ପାଇଁ ସର୍ବସ୍ୱ ଦାନକରି ଟୋପାଏ ପିଇବାଯୋଗ୍ୟ ପାଣି ପାଇବାରୁ ବଂଚିତ ହେଉଛନ୍ତି, ଏହାଠାରୁ ଦୁଃଖ କଥା କିଛି ଥାଇ ନ ପାରେ ଏଣୁ ପୁନର୍ବାର ଏକ ଜନ ଆନ୍ଦୋଳନର ଆବଶ୍ୟକତା ଜରୁରୀ । କର୍ଣିହାଁ ମହାବିଦ୍ୟାଳୟର ବିଜ୍ଞାନ ଅଧାପକ ସତ୍ୟନାରାୟଣ ପରିଡ଼ା, ବରିଷ୍ଠ ସାମ୍ବାଦିକ ଦ୍ୱୀ ମିଶ୍ର, ତାଳଚେର ଓକିଲ ସଙ୍ଘର ସଭାପତି ସନ୍ତୋଷ କୁମାର ସାହୁ, ଅନୁଗୋଳ ଜିଲ୍ଲା ରେଡକ୍ରସର ବରିଷ୍ଠ ସଦସ୍ୟ ବଳରାମ ପତି ଓ ଭଦ୍ରକ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ସୁଧାକର ଖୁଂଟିଆ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣ ଏବଂ ଏହାର ସଦୁପଯୋଗ ସହିତ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପାନୀୟ ଜଳ ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ପ୍ରତ୍ୟେକ ପରିବାର ନିଜ ଅଗଣାରେ ବର୍ଷା ଜଳର ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ କରିବା ଉଚିତ ବୋଲି ମତପୋଷଣ କରିଥିଲେ । ତାଳଚେର ଅଂଚଳବାସୀଙ୍କୁ ପାଇପ ଯୋଗେ ସୁଦ୍ଧ ପାନୀୟ ଜଳଯୋଗାଣରେ ସରକାରଙ୍କର ଉଦାସୀନତା ଏବଂ ସ୍ଥାନୀୟ ପ୍ରଶାସନର ତାଳଚେରବାସୀଙ୍କ ପ୍ରତି ଅବହେଳାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀମାନେ ନାପସନ୍ଦ କରିବା ସହିତ ଆଗାମୀ ଦିନରେ ଜଳ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ, ଆଇନଜିବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରତନ୍ତ୍ର ର ମୂଖ୍ୟ ସଂପାଦକ ଧୀର ମୋହନ ରାୟ ଅଧକ୍ଷତା କରିଥିବା ବେଳେ ସଂମ୍ପାଦକ ଦେବାଶିଷ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ଚୈତନ୍ୟ ଚନ୍ଦ୍ର ପ୍ରଧାନ, ପରିବେଶବିତ ଓ ସରକାରୀ ଆଇନଜୀବୀ ବାଉରୀବନ୍ଧୁ ବେଜ, ଶ୍ରମିକ ନେତା ରାଜକିଶୋର ସାହୁ, ଆନନ୍ଦଚନ୍ଦ୍ର ଆଚାର୍ଯ୍ୟ, ଧୀରେନ୍ଦ୍ର ସାହୁ, ଡିଆଇ ପ୍ଲେ ସ୍କୁଲର ଅଧକ୍ଷା ସୌରଭିନୀ ନାୟକ, ସମାଜସେବୀ ଜ୍ୟୋତି ରଞ୍ଜନ ଦାସ, ବାପି ମହାନ୍ତି, ସୁନୀଲ ସିଂ, କବି କରୁଣାକର ବାଇ ପ୍ରମୁଖ ଉପସ୍ଥିତ ଥିଲେ ।





# ପ୍ରଶଂସନୀୟ କାର୍ଯ୍ୟ ପାଇଁ ଦୁଇଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ



ଭୁବନେଶ୍ୱର: ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଅସାଧାରଣ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଦୁଇ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି ।ପୁରସ୍କାରପ୍ରାପ୍ତ କର୍ମଚାରୀମାନେ ହେଉଛନ୍ତି ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଲୋଇସିଂହାରେ କାର୍ଯ୍ୟରତ ଶ୍ରୀ ଶ୍ରୀନିବାସ ଭୋଇ, ଟ୍ରାକ ମେ[ନର-ଓଓ ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ପୁରୀରେ କାର୍ଯ୍ୟରତ ଶ୍ରୀ ଧୀରେନ୍ଦ୍ର କୁମାର ଜେନା, ଲୋକୋ ପାଇଲଟ୍ (ଯାତ୍ରୀ), ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ଉପସ୍ଥିତି ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହେଇଛି । ଶ୍ରୀ ଶ୍ରୀନିବାସ ଭୋଇ ଲୋଇସିଂହା ଏବଂ ବଲାଙ୍ଗୀର ମଧ୍ୟରେ କିମ୍ୟାନ୍ ଡ୍ୟୁଟି କରୁଥିବା ସମୟରେ, ଏକ ଅତିକ୍ରମ କରୁଥିବା ଟ୍ରେନର ଚକରେ ଏକ ଲକ୍ ଆକ୍ସଲ୍ ଏବଂ ଗମ୍ଭୀର ଚକ ତ୍ରୁଟି ଚିହ୍ନଟ କରିଥିଲେ, ଯାହା ଫଳରେ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ରୋକାଯାଇପାରିଲା ସେହିପରି, ପୁରୀରୁ ଖୋର୍ଦ୍ଧା ରୋଡକୁ ଏକ ଗରଗଟ ଟ୍ରେନ ଚଲାଉଥିବା ସମୟରେ, ଶ୍ରୀ ଧୀରେନ୍ଦ୍ର କୁମାର ଜେନା ମାଳତୀପାଟପୁର ଏବଂ ସାକ୍ଷୀଗୋପାଳ ମଧ୍ୟରେ ଟ୍ରାକ ବକିଂ ହେଉଥିବା ଲକ୍ଷ୍ୟ କରିଥିଲେ । ସର୍ବାଧିକ ସତର୍କତା ପ୍ରଦର୍ଶନ କରି, ସେ ତୁରନ୍ତ ଟ୍ରେନକୁ ଅଟକାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ । ପରବର୍ତୀ ସମୟରେ ଟ୍ରାକଟି ମରାମତି କରାଯାଇଥିଲା, ଯାହା ଫଳରେ ଟ୍ରେନ ସେବା ସୁରକ୍ଷିତ ଭାବରେ ପୁନଃଆରମ୍ଭ ହୋଇଥିଲା । ସେମାନଙ୍କର ଦ୍ରୁତ ପ୍ରତିକ୍ରିୟା ଏବଂ ବୃତିଗତ ପ୍ରତିବଦ୍ଧତା ରେଳବାଇ କାର୍ଯ୍ୟର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କର୍ମଚାରୀମାନଙ୍କର ସତର୍କତା ଏବଂ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସର୍ଗିକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।

# ଦୁର୍ଘଟଣାରେ ପାରାଦୀପର ଯୁବ ସାମ୍ବାଦିକ ରଶ୍ମୀ ରଞ୍ଜନ ରାଉତରାୟଙ୍କ ମୃତ୍ୟୁ

ପାରାଦୀପ (ନି.ପ୍ର.)- କନକ ନ୍ୟୁଜ ର ପାରାଦୀପ ପ୍ରତିନିଧି ତଥା ଜଣାଶୁଣା ଯୁବ ସାମ୍ବାଦିକ ରଶ୍ମୀ ରଞ୍ଜନ ରାଉତରାୟ (୪୪) ଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି କ୍ଷ ସେ ରବିବାର ରାତିରେ କାର୍ଯ୍ୟ ସାରି ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ସମ୍ମୁଖ ରାସ୍ତା ଦେଇ ମଧୁବନ ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଏକ ଟ୍ରଲି ରିକ୍ସା ସହିତ ଜୋରରେ ଧକ୍କା ହୋଇଥିଲା କ୍ଷ ସେଠାରେ ସେ ଗୁରୁତର ହେବାରୁ ପ୍ରଥମେ ପୋର୍ଟ ହସ୍ପିଟାଲ ଓ ପରେ ଅତ୍ୟାଧୁନିକ କେଏମଏସ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଥିଲା କ୍ଷ ମୁଣ୍ଡ ଭିତରେ ରକ୍ତ ଜମାଟ ହୋଇଥିବାରୁ ଅସ୍ତ୍ରୋପଚାର ର ଆବଶ୍ୟକ ରହିଥିବା ବେଳେ ରଶ୍ମିଙ୍କୁ କଟକ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ କ୍ଷ ତେବେ ପାରାଦୀପରେ ଅତ୍ୟାଧୁନିକ ଭେ[ଲେଟର ସୁବିଧା ଥିବା ଆମ୍ବୁଲାନ୍ସ ନଥିବାରୁ କଟକରୁ ଆମ୍ବୁଲାନ୍ସ ମଗା ଯାଇଥିଲା କ୍ଷ ତେବେ ଏସବୁ କାର୍ଯ୍ୟ ସମୟ ସାପେକ୍ଷ ଏବଂ ତୁରନ୍ତ ଅସ୍ତ୍ରୋପଚାର ନହୋଇ ପାରିବାରୁ କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି କ୍ଷ ତେବେ ରଶ୍ମିଙ୍କ ବିୟୋଗରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଛି ।



# ଯୋବ୍ରା ମୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଟି କ୍ଲାସରୁମ୍ ବ୍ଲକ ଉଦ୍ଘାଟିତ

କଟକ :(ନି.ପ୍ର) କଟକ ରାଉଣ୍ଡ ଟେବୁଲ ୧୩୭ ଓ କଟକ ଲେଡିସ ସର୍କଲ ୨୦୭ର ମିଳିତ ଅନୁଦାନରେ ଯୋବ୍ରା ମୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଟି ଶ୍ରେଣୀ କୋଠରୀ ବ୍ଲକ ନିର୍ମାଣ ଏବଂ ୫ଟି ଶୌଚାଳୟ ନବୀକରଣ ହୋଇ ଶୁଭ ମୂହୁର୍ତରେ ଉଦ୍ଘାଟନ ହୋଇ ଯାଇଛି । ଏହି ପ୍ରକଳ୍ପଟି ପୂର୍ଣ୍ଣ ହେବା ପାଇଁ ୩୦ଲକ୍ଷ ଟଙ୍କା



ବ୍ୟୟ ଅଟକଳ କରାଯାଇଛି ।ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରାଉଣ୍ଡ ଟେବୁଲ ଇଣ୍ଡିଆର ଜାତୀୟ ସମ୍ପାଦକ ଟି ଆର୍ .ଶ୍ୟାମାଶିଷ ଲେଙ୍କା, ଏରିଆ ୧୬ ଚେୟାରମ୍ୟାନ ଟି ଆର. ଅଭିଜିତ ମହାନ୍ତି, ଏରୀୟା ୧୬ ଲେଡିସ ସର୍କଲ ଏ ଏସ ଟି- ସି ଆର୍ ଅଦିତି ଅଗରୱାଲ, କଟକ ରାଉଣ୍ଡ ଟେବୁଲ୍ ୧୩୭ର ଅଧ୍ୟକ୍ଷ ଟେବଲର୍ ଅମିତ୍ ଅଗରୱାଲ, ସମ୍ପାଦକ ମୋହିତ ଅଗରୱାଲ,ପ୍ରକଳ୍ପ ସଂଯୋଜକ ଟେବଲର୍ ନଭାଲ ମହାଜନ, କଟକ ଲେଡିସ ସର୍କଲ ୨୦୭ର ଅଧକ୍ଷା ସର୍କଲର ସ୍ନେହା ସରାଓ୍ୱଗୀ, ସମ୍ପାଦିକା ପ୍ରିୟଙ୍କା ଅଗରୱାଲ, ପ୍ରକଳ୍ପ ସଂଯୋଜକ ରମଣଦୀପ କକ୍କର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ରାଜଶ୍ରୀ ସାହୁ, ସି ଏସ ଆର୍ ଡୋନର - ଭି ଗାର୍ଡ ଇଣ୍ଡଷ୍ଟ୍ରିଜର ଶ୍ରୀଯୁକ୍ତ ସୁମନ୍ତ ପ୍ରଧାନ, ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ଚାରିଟି ରୁମ୍ ଏବଂ ୫ଟି ଶୌଚାଳୟ ନିର୍ମାଣ ହେବା ଫଳରେ ପ୍ରତି ବର୍ଷ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଓ ଛାତ୍ରୀ ସୁବିଧା ଉପଲବ୍ଧ ତଥା ଉପକୃତ ହେବେ ।

# ବାସୁଦେବ ପୀଠରେ ମୁକ୍ତ ମଂଚ ଯାତ୍ରା ପ୍ରତିଯୋଗିତା ଉଦ୍‌ଘାଟିତ



ଧାମନଗର(ନି.ପ୍ର.): ଧାମନଗର ବ୍ଲକ ଅର୍ଜୁନପୁର ପଂଚାୟତ ସ୍ଥିତ ପ୍ରସିଦ୍ଧ ବାସୁଦେବ ପୀଠ ପରିସରରେ 'ସତ୍ୟ ନାରାୟଣ ନାଟ୍ୟ ସଂସଦ' ଆନୁକୂଲ୍ୟରେ ମୁକ୍ତ ମଂଚ ଯାତ୍ରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମାଂଚଳରେ ଲୁକ୍କାୟିତ କଳା ଓ ସଂସ୍କୃତିର ପ୍ରସାର ପାଇଁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ସମାଜସେବୀ ଅକ୍ଷୟ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦ୍ ?ଘାଟନୀ ସଭାରେ ଅତିଥି ଭାବେ ସରପଂଚ ପ୍ରତିନିଧି ଉମେଶ ମହାନ୍ତି ଏବଂ ହସନାବାଦ ପଂଚାୟତ ସରପଂଚ ଅଜୟ ମଳିକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ଲକ୍ଷ୍ମୀଧର ମାଝି, ସନ୍ତୋଷ ରାୟ, ନିରଂଜନ ପଣ୍ଡା, କ୍ଷେତ୍ରବାସୀ ବାରିକ ଓ ତପନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ସଭା ପ୍ରାରମ୍ଭରେ ବିରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଲୋକ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ନିତ୍ୟାନନ୍ଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ ତିନୋଟି ଯାତ୍ରା ଅନୁଷ୍ଠାନ ଅଂଶଗ୍ରହଣ କରି ନିଜ ନିଜର ଶ୍ରେଷ୍ଠ କଳା ପ୍ରଦର୍ଶନ କରିବେ । ବିଭିନ୍ନ ଅଂଚଳ ରୁ ଯାତ୍ରା ପ୍ରେମୀ ଦର୍ଶକ ଏହି ଅଭିନୟକୁ ମନଭରି ଉପଭୋଗ କରିଥିଲେ । ଗ୍ରାମାଂଚଳରେ ଏଭଳି ପାରମ୍ପରିକ ମୁକ୍ତ ମଂଚ ନାଟକର ଆୟୋଜନ କଳା ଜଗତ ପାଇଁ ଏକ ଶୁଭ ସଙ୍କେତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।ବିଦ୍ୟାଧର ମାଝି,ସନ୍ତୋଷ ନାୟକ,ଜଗନ୍ନାଥ ବେହେରା,ବିବେକାନନ୍ଦ ନାୟକ, ଅଜୟ ମହାଳିକ କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିଲେ,ପ୍ରଥମ ରଜନୀ ରେ ଶୋଧ ସ୍ଥିତ ଗଜଲକ୍ଷ୍ମୀ କଳା ପରିଷଦ ନାଟ୍ୟ ପରିବେଷଣ କରିଥିଲା ।

# ମହୋତ୍ସବର ତୃତୀୟ ସନ୍ଧ୍ୟା,ପପୁ ପମ୍ ପମ୍ ଓ ଗୀତିକାର ତୁଷାର ସ୍ୱାଇଁ ଙ୍କ ଯୋଗଦାନ

ନୀଳଗିରି,(ନି.ପ୍ର.) ନୀଳଗିରି ଉପଖଣ୍ଡ ପଂଚଲିଙ୍ଗେଶ୍ୱର ଛକ ଠାରେ ଚାଲିଥିବା ପଂଚଲିଙ୍ଗେଶ୍ୱର ମହୋତ୍ସବ ର ୩ୟ ସନ୍ଧା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ କମେଡ଼ିଆନ ପପୁ ପମ୍ ପମ୍ ଓ ଗିତିକାର ତୁଷାର ସ୍ୱାଇଁ ଯୋଗ ଦେଇଥିଲେ । ପଂଚଲିଙ୍ଗେଶ୍ୱର ମାଟି ସଂସ୍କୃତି, ଐତିହ୍ୟର ମାଟି । ରାଜତନ୍ତ୍ର ସମୟରେ ଏ ମାଟିର ବୀର ସନ୍ତାନ ଙ୍କ ବୀରତ୍ୱ ତଥା ଅଂଚଳର କଳାକୃତି, ପଥର ଶିଳ୍ପୀଙ୍କ ପାରଦର୍ଶୀତା, ଅଂଚଳର ପ୍ରତିଭା ଆଜି ସାରା ବିଶ୍ୱରେ ମହକ ଦେଉଛି ବୋଲି ଲି ପଂଚଲିଙ୍ଗେଶ୍ୱର ପଂଚ ମହୋତ୍ସବର ତୃତୀୟ ସନ୍ଧାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସାନ୍ଧ୍ୟ ସଭାରେ ବାବା ପଂଚଲିଙ୍ଗେଶ୍ୱର କଲେଜର ଓଡ଼ିଆ ବିଭାଗ ଅଧାପକ ଡ. ଅକ୍ଷୟ ପାଣିଗ୍ରାହୀ ମଂଚପରିଚାଳନା କରିଥିବା ବେଳେ ବଳରାମ ବିଶ୍ୱାଳ ପୌରୋହିତ୍ୟ କରିଥିଲେ । ମଂଚ ସଭାପତିତ୍ୱ କରିଥିଲେ ଜ୍ୟୋତିର୍ମୟ ରାଉତ । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ଓ ଯୁବ ସମାଜ ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏ ମାଟିପୁତ୍ର ଙ୍କ ପାଇଁ ଐତିହ୍ୟର ମାଟି ପଂଚଲିଙ୍ଗେଶ୍ୱର ଆଜି ସାରା ଭାରତ ବର୍ଷରେ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବହନ କରିଛି ବୋଲି ମୁଖ୍ୟବକ୍ତା ଯୁବ ସମାଜସେବୀ ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ କହିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବେ ଯୁବ ସମାଜସେବୀ ତପନ କୁମାର ରାଉତ ଓ ଜିଲ୍ଲାପରିଷଦ ସଭ୍ୟା ଉଷାମଣି ରାଉଳ ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକିୟ ବିବରଣି ପାଠ କରିଥିଲେ ବେଣୁଧର ଜେନା । ଖେଳ ପ୍ରତିଭା ସମ୍ମାନ ସୁଭଲକ୍ଷ୍ମି ସିଂ, ପୂର୍ବତନ ସୈନିକ ଯୋଗେଶ୍ୱର ବେହେରା ପ୍ରମୁଖଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଝାଡେଶ୍ୱରୀ ସ୍ପେସିଆଲ୍ ସ୍କୁଲରେ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ପାଳିତ




ଝାରସୁଗୁଡା(ନି.ପ୍ର.) : ଝାରସୁଗୁଡାର ଝାଡେଶ୍ୱରୀ ସ୍ପେସିଆଲ୍ ସ୍କୁଲରେ ୱାର୍ଲ୍ଡ ଡାଉନ୍ ସିଣ୍ଡ୍ରୋମ୍ ଦିବସକୁ ସଚେତନତାର ସହ ପାଳିତ ହୋଇଥିଲା । ଏହି ଅବସରରେ ଶିକ୍ଷକ, ବିଶେଷଜ୍ଞ ଓ ସମାଜର ବିଭିନ୍ନ ବ୍ୟକ୍ତିମାନେ ଯୋଗଦେଇ ଡାଉନ୍ ସିଣ୍ଡ୍ରୋମ୍ ଥିବା ଶିଶୁ ମାନଙ୍କର ଆବଶ୍ୟକତା ଓ ସମ୍ଭାବନା ବିଷୟରେ ଆଲୋକ ପାତ କରି ଥିଲେ ।ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲର ସଂସ୍ଥାପକ ବିବେକାନନ୍ଦ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସୁଲୋଚନା ସାହୁ, ପୁଷ୍ପିତା ମହାକୁର, ସ୍ୱାଗତିକା ସାହୁ, ଲିପିସ୍ମିତା ପ୍ରଧାନ ଓ ସିତାରାମ ସେଲମା ଉପସ୍ଥିତ ଥିଲେ । ଏହି ଅବସରରେ ବକ୍ତାମାନେ ଡାଉନ୍ ସିଣ୍ଡ୍ରୋମ୍ ?ର କାରଣ, ଲକ୍ଷଣ, ପ୍ରାରମ୍ଭିକ ଚିହ୍ନଟ ଓ ସମୟୋଚିତ ଚିକିତ୍ସାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ସମାନ ଶିକ୍ଷା, ପରିବାରର ସହଯୋଗ ଓ ଭାଷା ଚିକିତ୍ସା, ବୃତିମୂଳକ ଚିକିତ୍ସା ଓ ବ୍ୟବହାରଗତ ସେବା ଭଳି ଥେରାପି ସୁବିଧାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଭାବକ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ ସମାଜରେ ଥିବା ଅସ୍ୱୀକୃତି କମାଇବା ଓ ବିଶେଷ ପ୍ରୟୋଜନା ଥିବା ବ୍ୟକ୍ତିମାନଙ୍କୁ ସ୍ୱୀକାର କରିବାରେ ଉଦ୍ୟମ କରାଯାଇଥିଲା । ଏହି କାର୍ଯ୍ୟ କ୍ରମଟି ଏକ୍ସ-ଅଫିସିଓ ସଦସ୍ୟ ଏନ୍. ନମିତାଙ୍କ ଦ୍ୱାରା ସଂଚାଳିତ ହୋଇଥିଲା । ଶେଷରେ ସ୍କୁଲର ଅଧକ୍ଷ୍ୟ ଧନ୍ୟବାଦ ଜ୍ଞାପନ କରି ଥିଲେ ।

# ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ୨ ଶହ ଏକର ଚାଷ ଜମିରେ ପାଣି ସଙ୍କଟ

ନୂଆପଡ଼ା,(ନି.ପ୍ର): ଖଡ଼ିଆଳ ବ୍ଲକ ଡୁଆଝର ଅଂଚଳକୁ ତିଖାଲି ଡ୍ୟାମରୁ ପାଇପ ଯୋଗେ ଚାଷ ପାଇଁ ଯୋଗାଣ ହୋଇଥିବା କେନାଲର ପାଣି ଅଳ୍ପ ଆସୁଥିବାରୁ ଡୁଆଝର ତଳ ମୁଣ୍ଡରେ ଥିବା ଚାଷ ଜମି ସହିତ ଭୈରାଜପୁର, ଭାଲୁଡୁଙ୍ଗୁରି, ଭୀମାଖୋଲ ଓ ମିତ୍ରିତରାଇ ଗ୍ରାମ ଗୁଡ଼ିକର ଦୁଇ ଶହରୁ ଅଧିକ ଏକର ରବି ଧାନ ପ୍ରଭାବିତ ହୋଇଛି । ପାଣି ଅଭାବରୁ ଜମି ଫାଟି ଆଁ କରିଛି । ଧାନଚାଷ ମରିଯିବା ସହ ଧାନ ସମ୍ପୂର୍ଣ୍ଣ କ୍ଷତି ହେବାର ସମ୍ଭାବନା ଦେଖାଦେଇଛି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚ ବିଭାଗ ପକ୍ଷରୁ ଡୁଆଝର ଅଂଚଳର ଚାଷୀଙ୍କୁ ରବି ଧାନ ଫସଲ କରିବାକୁ କହିଥିଲେ । ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ କଥାରେ ଆସି ରବି ଫସଲ କରିଛନ୍ତି । ହେଲେ ତିଖାଲି ଡ୍ୟାମରୁ ରୁ ଲାଞ୍ଜି ଗ୍ରାମରୁ ଡୁଆଝର ରଜା ଡ୍ୟାମକୁ ପାଇପ ଜରିଆରେ ସଂଯୋଗ କରୁଥିବା କେନାଲରେ କମ ପାଣି ଆସୁଛି ଡୁଆଝର ଅଂଚଳରେ ସାତ ଶହରୁ ଅଧିକ ଏକର ଜମିରେ ଧାନ ଚାଷ କରିଥିବା ବେଳେ ଦୁଇ ଶହରୁ ଅଧିକ ଏକର ଚାଷ ଜମିକୁ ପାଣି ମାଡୁନାହିଁ ଫଳରେ ରବି ଧାନଚାଷ କରିଥିବା ଚାଷଜମି ପାଟି ଆଁ କରିଥିବା ବେଳେ କେତେକ ତକ ସ୍ଥାନରେ ଧାନ ଚାଷ ନଷ୍ଟ ହେଉଥିବା ବା ନଜରକୁ ଆସିଛି ଚାଷୀଙ୍କ କହିବା କଥା ହେଲା, ଲାଞ୍ଜି ଗ୍ରାମରୁ ଡୁଆଝର ପର୍ଯ୍ୟନ୍ତ ପାଇପ ଯୋଗେ ଯେଉଁ କେନାଲ ପାଣି ଆସୁଛି; ତାହା ପ୍ରକୃତରେ ଖୋଲା କେନାଲ ମାଧ୍ୟମରେ କାର୍ଯ୍ୟ ହେବା କଥା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବରିଷ୍ଟ ଅଧିକାରୀ ଖୋଲା କେନାଲ ମାଧ୍ୟମରେ ଜଳଯୋଗାଣ ନକରି ପାଇପ ଯୋଗେ ଜଳ ଯାଗାଣ କରିଛନ୍ତି । ଏଷ୍ଟିମେଟ ଅନୁଯାୟୀ ପାଇପରେ ପାଣି ଆସୁନାହିଁ ଏପରିକି ଖୋଲା କେନାଲ ମାଧ୍ୟମ ରେ ଜଳ ଯୋଗାଣ କରିବା ପାଇଁ ଚାଷୀଙ୍କ ଜମି ଅଧିଗ୍ରହଣ ହୋଇସାରିଛି ପାଇପ ଯୋଗେ ଜଳଯୋଗାଣ ହେଉଛି । ବର୍ତମାନ ରବି ଫସଲ ମରିବାକୁ ବସିଛି । ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଜଳଯୋଗାଣ ନହେଲେ ଚାଷ ସମ୍ପୂର୍ଣ୍ଣ କ୍ଷତି ହେବ ବୋଲି ଚାଷୀ ମନଧର ମେହେର, ଯୁଧିଷ୍ଠିର ମେହେର, ଜଗବନ୍ଧୁ ଛାତ୍ରିଆ, ଗଣା ପୋଢ, ବାମନ ପୋଢ, ମୁକୁନ୍ଦ ପୋଢ, ସଞ୍ଜୟ ସରାଫ, ଧନୁ ମାଝୀ, କୁଲୁ ମାଝୀ, ଜୟକର ନାଗ, ପିତ ମେହେର ପ୍ରକାଶ କରିଛନ୍ତି ଜିଲ୍ଲା ପ୍ରଶାସନ ଚାଷୀଙ୍କ ଜମି ଅଧିଗ୍ରହଣ କରି କାହିଁକି ପାଇପ ଯୋଗେ ଜଳଯୋଗାଣ କରାଯାଉଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ତାର ତଦନ୍ତ କରି ଲାଞ୍ଜି ଗ୍ରାମରୁ ଡୁଆଝର ରଜାମୁଡ଼ା ପର୍ଯ୍ୟନ୍ତ ଖୋଲା କେନାଲ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ଦାବି କରିଛନ୍ତି । ଏନେଇ ବିଭାଗୀୟ ଅଫିସରଙ୍କୁ ପଚାରିବାକୁ ଗଲେ ଅଧିକାରୀ ମାନଙ୍କ ଦେଖା ଦର୍ଶନ ମିଳୁ ନାହିଁ ।



# ଫିଟ ଇଣ୍ଡିଆ କାର୍ନିଭାଲ ଉଦ୍‌ଯାପିତ

ପୁରୀ(ନି.ପ୍ର.) ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚ ଠାରେ ତିନି ଦିନିଆ ଫିଟ ଇଣ୍ଡିଆ କାର୍ନିଭାଲ ଆଜି ସଂଧ୍ୟାରେ ଉଦଯାପିତ ହୋଇଥିଲା ।ଭାରତୀୟ କ୍ରୀଡା ପ୍ରାଧିକରଣ, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଯୋଗ ଦେଇଥିଲେ ।ଆମେ ସୁସ୍ଥ ରହିଲେ ରାଜ୍ୟ ଓ ଦେଶ ସୁସ୍ଥ ରହିବ ।ଦେଶ ସୁସ୍ଥ ରହିଲେ ସମୃଦ୍ଧି ସହଜ ହୋଇ ପାରିବ ବୋଲି ଜିଲ୍ଲାପାଳ କହିଥିଲେ । ବର୍ତମାନ ଛୋଟ ରୁ ବଡ ପର୍ଯ୍ୟନ୍ତ ସମସ୍ତେ ବିବିଧ ଚାପରେ ରହୁଥିବାରୁ ମାନସିକ ଶାରୀରିକ ଭାବେ ପ୍ରଭାବିତ ହେଉଛନ୍ତି ।ଏହାକୁ ପରିଚାଳନା ପାଇଁ




ସୁସ୍ଥ ରହିବା ଓ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ ।ଫିଟ ଇଣ୍ଡିଆ କାର୍ନିଭାଲ ଯୋଗ, କ୍ରୀଡା, ମନୋରଞ୍ଜନ ଇତ୍ୟାଦି ବିବିଧ କ୍ଷେତ୍ରରେ ଆମକୁ ଆଗେଇ ନେଇଥାଏ ।ଏହାକୁ ନିତ୍ୟ ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ପରିଡା ଆହ୍ୱାନ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅଲମ୍ପିଆନ ଆଥଲେଟ ଦୂତୀ ଚାନ୍ଦ,ଯୁବ ଅଭିନେତା ଶୁଭମ ନାୟକ,ସାଇର ସହଯୋଗୀ ପାର୍ଟନର ତଥା ସିଇଓ ସୁଜିତ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ । ସାଇ ବା ଭାରତୀୟ କ୍ରୀଡା ପ୍ରାଧିକରଣ ର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ ପ୍ରମୁଖ ଯୋଗ ଦେଇ ଫିଟ ଇଣ୍ଡିଆ ର ତିନି ଦିନିଆ କାର୍ଯ୍ୟକ୍ରମ ଏକ ସୁନ୍ଦର ଓ ସଫଳ ପଦକ୍ଷେପ ବୋଲି କହିଥିଲେ ।ଏହାର ସୁଫଳ ଲୋକ ମାନେ ନିଶ୍ଚିତ ପାଇବେ ଓ ସୁସ୍ଥ ରହିବେ ବୋଲି ସେମାନେ ଆଶା କରିଥିଲେ ।ଏହି ତିନି ଦିନିଆ କାର୍ଯ୍ୟକ୍ରମ ରେ ପ୍ରତ୍ୟେକ ଦିନ ଯୋଗ, ଜୁମ୍ବା,ବିଚ ଭଲି,ବିଚ କ୍ରିକେଟ, କବାଡି,କୁସ୍ତି, ମାଲଖମ୍ବ,ପାଇକ ଆଖଡା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସଂଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପୁରୀ (ନି.ପ୍ର.) ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୧୧୮ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୯୫ ଗୋଟି ବ୍ୟକ୍ତିଗତ,୨୨ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୧୨ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସଚିନ ପଟେଲ, ଏଡିଏମଓ ଡା ଲଲାଟେନ୍ଦୁ ମିଶ୍ର,ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଏସଡିପିଓ ଦେବାଶିଷ ମିଶ୍ର , ଡେଲାଙ୍ଗ ବିଡ଼ିଓ ସମୀର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତା ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହ ରେ ଦିବା ୧୦ ଘଟିକା ରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ସମାଜସେବୀ ନିତ୍ୟାନନ୍ଦ ବେହେରାଙ୍କ ପ୍ରଥମଶ୍ରାଦ୍ଧ ଦିବସ ପାଳିତ

ଧାମନଗର (ନି.ପ୍ର.) ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ସନ୍ତୋଷପୁର ( ରାମେଶ୍ୱରପୁର)ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଧର୍ମ ପରାୟଣ ବ୍ୟକ୍ତି ନିତ୍ୟାନନ୍ଦ ବେହେରା ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଶୋମବାର ଦିନ ଅନୁଷ୍ଠିତ ହୋଇ ଯାଇଚି । ସମାଜ ସେବୀ କୃଷ୍ଣ ଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବେହେରାସଂଯୋଜନା କରିଥିଲେ ,ଏଥିରେ ଶିକ୍ଷକ ନେତା ଗୌରାଙ୍ଗ ବାରିକ,ପଣ୍ଡିତ ଦଇତାରୀ ମହାପାତ୍ର,ସାମ୍ବାଦିକ ନରେନ୍ଦ୍ର ସାମଲ, ପ୍ରଦୀପ କୁମାର ମହାପାତ୍ର,ନିତ୍ୟାନନ୍ଦ ଘଡାଇ,ରୂପକ ମିଶ୍ର,ନିରଞ୍ଜନ ପ୍ରଧାନ,କ୍ଷେତ୍ରବାସୀ ବାରିକ,ବିରେନ୍ଦ୍ର ବାରିକ,ମାନସ ସାହୁ, ରମାକାନ୍ତ ବେହେରା, ଅଭିମନ୍ୟୁ ମଲିକ, ରଘୁ ନାଥ କର,ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସର ରେ ସ୍ୱର୍ଗତ ବେହେରା ଙ୍କ ପ୍ରତିମୂର୍ତି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରା ଯାଇ ଥିଲା, ଏହି ଅବସର ରେ ପୂର୍ବତନ ଅଧକ୍ଷ ଅଶୋକ ନାୟକ,ଶିକ୍ଷକ ନେତା ସୁରେନ୍ଦ୍ର ସେଠୀ,ଚାରୁଲତା ନାୟକ, ଏ ବି ଇ ଓ ଭୀମ ସେନ ହୋ,ସତ୍ୟ ସୁନ୍ଦର ପରିଡା ସମେତ ବିଶିଷ୍ଟ ବ୍ୟକ୍ତି ମାନେ ସ୍ୱର୍ଗତ ବେହେରା ଙ୍କ ପ୍ରରି ମୂର୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ,ପ୍ରଶାନ୍ତ ବେହେରା ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।





ସଂସଦ ଭବନରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ।



କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ।








# ଦେବୀ ସ୍କନ୍ଦମାତାଙ୍କ କୃପା ଉପରେ ସଂସ୍କୃତ ସୁଭାଷିତ ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦେବୀ ସ୍କନ୍ଦମାତାଙ୍କର ଦିବ୍ୟ କୃପା ଓ ସମସ୍ତଙ୍କ ମଙ୍ଗଳ ପାଇଁ ତାଙ୍କ ଦିବ୍ୟ ଆଶୀର୍ବାଦ କାମନା କରି ଗୋଟିଏ ସଂସ୍କୃତ ସୁଭାଷିତ ଅଂଶୀଦାର କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଲେଖିଛନ୍ତି, 'ଦେବୀ ସ୍କନ୍ଦମାତାଙ୍କୁ କରବଦ୍ଧ ପ୍ରାର୍ଥନା! ମୋର କାମନା ଯେ, ଆପଣମାନେ ସମସ୍ତେ ତାଙ୍କର ମାତୃସ୍ନେହ ଓ ଆଶୀର୍ବାଦରେ ଆଲୋକିତ ହୁଅନ୍ତୁ । ମାଆଁ ଅମ୍ବେଙ୍କ ଦର୍ଶନରେ ଭକ୍ତିର ଅଦ୍ଭୁତ ଆନନ୍ଦ ମିଳେ । ଏହା ମନକୁ ଶାନ୍ତି ଓ ଆତ୍ମିକ ଶକ୍ତି ଦେଇଥାଏ ।' ସେ 'ସିଂହାସନଗତା ନିତ୍ୟଂ ପଦ୍ମାଶ୍ରିତକରଦ୍ୱୟା । ଶୁଭଦାସ୍ତୁ ସଦା ଦେବୀ ସ୍କନ୍ଦମାତା ଯଶସ୍ୱିନୀ' ନାମକ ସଂସ୍କୃତ ସୁଭାଷିତ ମଧ୍ୟ ସେୟାର କରିଛନ୍ତି । ଏହାର ଅର୍ଥ ହେଉଛି— ହେ ମହିମାମୟୀ ଦେବୀ ସ୍କନ୍ଦମାତା, ଯିଏ ସଦା ସିଂହ ଉପରେ ବିରାଜମାନ ଓ ନିଜ ଦୁଇ ହାତରେ କମଳ ଫୁଲ ଧାରଣ କରିଛନ୍ତି, ସେ ଆମକୁ ସଦା ଶୁଭ ଫଳ ପ୍ରଦାନ କରନ୍ତୁ ।

# ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ସହିତ ଆଲୋଚନା କଲେ ହିମାଚଳ ପ୍ରଦେଶ ରାଜ୍ୟପାଳ

ଭୁବନେଶ୍ୱର : ପିଆଇବି ଭୁବନେଶ୍ୱରଙ୍କ ନେତୃତ୍ୱରେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ସିମଲାର ଲୋକଭବନରେ ହିମାଚଳ ପ୍ରଦେଶର ରାଜ୍ୟପାଳ ଶ୍ରୀ କବିନ୍ଦର ଗୁପ୍ତାଙ୍କୁ ଭେଟିଥିଲେ । ପ୍ରତିନିଧି ଦଳ ସାଂସ୍କୃତିକ ଆଦାନପ୍ରଦାନ, ବିକାଶ ପଦକ୍ଷେପ ଏବଂ ଜାତୀୟ ସଂହତିକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରିଥିଲେ । ପ୍ରତିନିଧି ଦଳ ସହିତ ଆଲୋଚନା କରି ରାଜ୍ୟପାଳ କହିଛନ୍ତି ଯେ ଏପରି ଅଭିଜ୍ଞତା ଗସ୍ତ ରାଜ୍ୟଗୁଡ଼ିକ ମଧ୍ୟରେ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରି 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାକୁ ପ୍ରତିପାଦିତ କରିଥାଏ । ଭାରତର ସମୃଦ୍ଧ ଭାଷାଗତ ଏବଂ ସାଂସ୍କୃତିକ ବିବିଧତାକୁ ଆଲୋକପାତ କରି ସେ ଉଲ୍ଲେଖ କରିଛନ୍ତି ଯେ ଏକତା ଦେଶର ସର୍ବବୃହତ ଶକ୍ତି । ସେ ଦୂରଦୂରାନ୍ତ ଏବଂ ସୀମାନ୍ତ ଅଂଚଳରେ ସଂଯୋଗୀକରଣ ଉନ୍ନତ କରିବାରେ ରାଜ୍ୟର ପ୍ରୟାସକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରି, ସେ ସ୍ଥାନୀୟ ଉତ୍ପାଦ, ଔଷଧୀୟ ଉଦ୍ଭିଦ ଚାଷ, ପ୍ରାକୃତିକ କୃଷି ଏବଂ ଯୁବପିଢ଼ିଙ୍କ ଦକ୍ଷତା



ବିକାଶକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ କରିଥିଲେ । ରାଜ୍ୟପାଳ ଗଣମାଧ୍ୟମ ବୃତିଗତମାନଙ୍କୁ ସରକାରଙ୍କ ସକାରାତ୍ମକ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିବାରେ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ପୂର୍ବରୁ, ପ୍ରତିନିଧି ଦଳ ଆନ୍ନଡାଲେରେ ସେନା ତାଲିମ କମାଣ୍ଡ ପରିଦର୍ଶନ କରିଥିଲେ, ଯେଉଁଠାରେ ବରିଷ୍ଠ ଅଧିକାରୀମାନେ ସଦସ୍ୟମାନଙ୍କୁ ଏହାର ଭୂମିକା ଏବଂ ନିର୍ଦ୍ଦେଶ ବିଷୟରେ ଅବଗତ କରାଇଥିଲେ । ଦଳକୁ ସୂଚନା ଦିଆଯାଇଥିଲା ଯେ ଅକ୍ଟୋବର ୧୯୯୧ରେ ପ୍ରତିଷ୍ଠିତ ଇଜଞ୍ଜଜଇଉ ହେଉଛି ଭାରତୀୟ ସେନାର ସର୍ବୋଚ୍ଚ ତାଲିମ କମାଣ୍ଡ ଯାହା ସମସ୍ତ କମାଣ୍ଡ ମଧ୍ୟରେ ମାନବଶକ୍ତିକୁ ତାଲିମ ଦେବା ପାଇଁ ଦାୟୀ । ବର୍ଷ ବର୍ଷ ଧରି, ଏହା ଦୁଇଟି ତାଲିମ ପ୍ରତିଷ୍ଠାନରୁ ୩୪ ଟି ପ୍ରତିଷ୍ଠାନକୁ ବିସ୍ତାର କରିଛି ଏବଂ ବର୍ତ୍ତମାନ ତାଲିମ ନୀତି, ସିଦ୍ଧାନ୍ତ ବିକାଶ ଏବଂ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ତଦାରଖ କରେ । ଏହାର ତତ୍ୱାବଧାନରେ ପ୍ରତିବର୍ଷ ପ୍ରାୟ ୫୦,୦୦୦ କର୍ମଚାରୀ, ବିଦେଶୀ ଅଧିକାରୀ ଏବଂ ସୈନିକଙ୍କ ସମେତ, ତାଲିମପ୍ରାପ୍ତ ହୁଅନ୍ତି । ଯୁଦ୍ଧର ପରିବର୍ତ୍ତିତ ପ୍ରକୃତି ଉପରେ ଆଲୋକପାତ କରି, ଅଧିକାରୀମାନେ ପ୍ରଯୁକ୍ତିବିଦ୍ୟା ଅନୁକୂଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ଇଜଞ୍ଜଜଇଉ ଓ ଓ ଞ୍ଜ, ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ଏବଂ ଶିଳ୍ପ ଅଂଶୀଦାର ଭଳି ପ୍ରମୁଖ ପ୍ରତିଷ୍ଠାନ ସହିତ ସହଯୋଗ କରି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାକୁ ତାଲିମ ଏବଂ କାର୍ଯ୍ୟରେ ସଂହତ କରିଥାଏ । ଆଧୁନିକ ଯୁଦ୍ଧରେ ଗଣମାଧ୍ୟମକୁ ଏକ ପ୍ରମୁଖ ଉପାଦାନ ଭାବରେ ବର୍ଣ୍ଣନା କରି, ସେମାନେ ଏହାକୁ 'କଥା ??ଏବଂ ଧାରଣାର ଯୁଦ୍ଧ' ବୋଲି ଅଭିହିତ କରିଥିଲେ ଏବଂ ସଶସ୍ତ୍ର ବାହିନୀ ଏବଂ ଗଣମାଧ୍ୟମ ମଧ୍ୟରେ ଅଧିକ ସମନ୍ୱୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ମାର୍ଚ୍ଚ ୨୭ରୁ ୨୯ ପର୍ଯ୍ୟନ୍ତ ବଜ୍ରପାତ ସହ ପବନ ସମ୍ଭାବନା



ଭୁବନେଶ୍ୱର : ମାର୍ଚ୍ଚ ୨୭ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ମାର୍ଚ୍ଚ ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି । ଏସବୁ ଜିଲ୍ଲାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ସେହିପରି ୨୮ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି । ଏସବୁ ଜିଲ୍ଲାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ତେବେ ୨୩ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ଏବଂ ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ପଶ୍ଚିମ ଏସିଆ ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆ ଘଟଣାକ୍ରମକୁ ନେଇ ଆଜି ଭାରତ ସରକାରଙ୍କ ପକ୍ଷରୁ ଆଉ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଏବଂ ବିଦେଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ପରିବର୍ତ୍ତିତ ପରିସ୍ଥିତି, ଇନ୍ଧନ ଯୋଗାଣ ସ୍ଥିତି, ଜାହାଜ ଚଳାଚଳ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ସହାୟତା ଉପାୟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ହୋର୍ମୁଜ୍ ପ୍ରଣାଳୀରେ ବାଧା ସୃଷ୍ଟି ହେବା ପରେ ଇନ୍ଧନ ଯୋଗାଣକୁ ବାଧାମୁକ୍ତ କରିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲା । ଦେଶରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି । ସ୍ୱଦେଶୀ ଏଲପିଜି ଉତ୍ପାଦନ ବୃଦ୍ଧି ପାଇଛି । ବିଶୋଧନାଗାରଗୁଡ଼ିକ ସର୍ବୋଚ୍ଚ କ୍ଷମତାରେ କାମ କରୁଥିବା ମନ୍ତ୍ରଣାଳୟର ଅଧିକାରୀ କହିଥିଲେ । କୌଣସି ଖୁଚୁରା ବିକ୍ରୟ କେନ୍ଦ୍ରରେ ଇନ୍ଧନ ଅଭାବ ସମ୍ପର୍କରେ ସୂଚନା ମିଳିନାହିଁ । ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ୍ ମହଜୁଦ ଥିବାରୁ ଭୟଭୀତ ହୋଇ କିଣାକିଣି ନକରିବାକୁ କୁହାଯାଇଥିଲା । ଘରୋଇ ପିଏନଜି ଓ ସିଏନଜି ସମେତ ପ୍ରାଥମିକତା କ୍ଷେତ୍ରରେ ନିୟମିତ ଯୋଗାଣ ଜାରି ରହିଛି । ଶିଳ୍ପ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ପାଇଁ ୮୦ ପ୍ରତିଶତ ଗ୍ୟାସ ଯୋଗାଣ ନିୟନ୍ତ୍ରଣ କରାଯାଉଛି । ଭାରତ ସରକାର ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହ ନିୟମିତ ଯୋଗାଯୋଗ ରଖି ସୁଲଭ ଯୋଗାଣ ସୁନିଶ୍ଚିତ କରୁଛନ୍ତି । ମାର୍ଚ୍ଚ ୨୦୨୬ର ପ୍ରଥମ ତିନି ସପ୍ତାହରେ ସିଟି ଗ୍ୟାସ ବିତରଣ ସଂସ୍ଥାଗୁଡ଼ିକ ଦ୍ୱାରା ସାଢ଼େ ୩ ଲକ୍ଷରୁ ଅଧିକ ଘରୋଇ ଓ ବ୍ୟବସାୟିକ ପିଏନଜି ସଂଯୋଗ ଦିଆଯାଇଛି । ଅନ୍ୟପଟେ ଭୟଭୀତ ହୋଇ ଗ୍ୟାସ ସିଲିଣ୍ଡର ବୁକିଂ ମାମଲା ଯଥେଷ୍ଟ ହ୍ରାସ ପାଇଛି । ଘରୋଇ ସିଲିଣ୍ଡର ଯୋଗାଣ ସ୍ୱାଭାବିକ ରହିଛି । କଳାବଜାର ଓ ମହଜୁଦକୁ ରୋକିବା ଲାଗି ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀମାନଙ୍କୁ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୨୪ ଘଂଟା ମଧ୍ୟରେ ବିଭିନ୍ନ ରାଜ୍ୟରେ ୨୪ଶହରୁ ଅଧିକ ଚଢ଼ାଉ କରାଯାଇ ୮୦୦ରୁ ଅଧିକ ସିଲିଣ୍ଡର ଜବତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୫୫୦ ଏତଲା ହୋଇଛି ଏବଂ ୧୫୦ ଜଣ ଗିରଫ ହୋଇଛନ୍ତି । ଗୁଜବକୁ ବିଶ୍ୱାସ ନକରିବା ଏବଂ ସରକାରୀ ସୂଚନାକୁ ଭରସା କରିବାକୁ ସରକାର ନାଗରିକମାନଙ୍କୁ ଅପିଲ କରିଛନ୍ତି । ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ଅଧିକାରୀ ଏହି ସାମ୍ବାଦିକ ସମ୍ମିଳନୀରେ ଜାହାଜ ଚଳାଚଳ ଏବଂ ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଯୁଦ୍ଧ ପ୍ରଭାବିତ କ୍ଷେତ୍ରରେ ଗତ ୨୪ ଘଂଟା ମଧ୍ୟରେ କୌଣସି ଭାରତୀୟ ଜାହାଜ ସହିତ ଅଘଟଣ ଘଟିନାହିଁ । ସେହିପରି ଗତ ୪୮ ଘଂଟା ମଧ୍ୟରେ ଜାହାଜର ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ । ବର୍ତ୍ତମାନ ଉପସାଗରୀୟ କ୍ଷେତ୍ରରେ ୬୦୦ ନାବିକଙ୍କ ସହିତ ୨୨ଟି ଭାରତୀୟ ଜାହାଜ ରହିଛି । ୧୧ ଜଣ ଭାରତୀୟ ନାବିକ ନିଜର ସେବା ସମାପ୍ତ କରି ସ୍ୱଦେଶ ଫେରି ଆସିଛନ୍ତି ।୫୪୭ରୁ ଅଧିକ ଭାରତୀୟ ନାବିକଏବେ ସୁଦ୍ଧା ଫେରିଛନ୍ତି । ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରି ବିଭିନ୍ନ ଅଂଶୀଦାରଙ୍କ ସହ ଯୋଗାଯୋଗ ରକ୍ଷା କରୁଛି ।

# ଅରୁନ୍ଧତୀ ରେଡ୍ଡୀଙ୍କୁ ଫେବୃଆରୀ ମାସର ଶ୍ରେଷ୍ଠ ଖେଳାଳୀ ଭାବେ ଘୋଷଣା କଲେ ଆଇସିସି



ନୂଆଦିଲ୍ଲୀ : ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଫେବୃଆରୀ ୨୦୨୬ ପାଇଁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଘୋଷଣା କରିଛି । ମହିଳା ବର୍ଗରେ, ଟିମ୍ ଇଣ୍ଡିଆର ଜଣେ ଖେଳାଳି ବାଜି ମାରିଛନ୍ତି । ମହିଳାଙ୍କ ମଧ୍ୟରେ, ଭାରତର ଅରୁନ୍ଧତୀ ରେଡ୍ଡୀ ଏହି ସମ୍ମାନ ଜିତିବାରେ ସଫଳ ହୋଇଥିଲେ । ସେ ସାମ୍ପ୍ରତିକ ଅଷ୍ଟ୍ରେଲିଆ ଗସ୍ତରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଏହି କାରଣରୁ ସେ ଏହି ପୁରସ୍କାର ପାଇଛନ୍ତି ।ପ୍ରଥମ ଥର ପାଇଁ ରେଡ୍ଡୀ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି । ଗତ ମାସରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ସେ ୮ଟି ୱିକେଟ ନେଇଥିଲେ । ଏହି ସିରିଜରେ ସେ ୧୦.୮୭ ହାରରେ ରନ୍ ଦେଇଥିଲେ ଏବଂ ୭.୨୫ ଇକୋନୋମି ରେଟରେ ରନ୍ ଦେଇଥିଲେ । ସିଡନୀରେ ଖେଳାଯାଇଥିବା ମ୍ୟାଚରେ ସେ ମାତ୍ର ୨୨ ରନ୍ ଦେଇ ୪ଟି ୱିକେଟ ନେଇଥିଲେ ।

# ଗୌତମଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କଲେ ସୌରଭ ଗାଙ୍ଗୁଲି



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବର୍ତ୍ତମାନର କୋଚ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିଛନ୍ତି । ସେ ଏହି ଅବସରରେ ଗୌତମ ଗମ୍ଭୀର ଅଯଥା କଠୋର ଏବଂ ଗମ୍ଭୀର ନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ତୁମେ ଜଣେ ଭଲ ମଣିଷ ଏବଂ କୋଚ । ବର୍ତ୍ତମାନ ଦଳକୁ ତୁମେ ଭଲ ଭାବେ ଗଢ଼ି ତୋଳିଛି । କଠୋର ନୀତି ଆପଣାଇବା ଆବଶ୍ୟକ ନାହିଁ । ଖୁବ କମ ଦିନରେ ଭାରତ ତାଙ୍କ ପ୍ରଶିକ୍ଷଣରେ ୨ଟି ଆଇସିସି ଟ୍ରଫି ହାସଲ କରିପାରିଛି । ମୁଁ ତାଙ୍କ ସହିତ ଏକତ୍ର ଖେଳିଛି । ସେ ଜଣେ ଆକ୍ରମଣାତ୍ମକ ଖେଳାଳି । ସବୁବେଳେ ଜିତିବାକୁ ଭଲ ପାଇଥାନ୍ତି । ଟେଷ୍ଟ କ୍ରିକେଟରେ ଭଲ ପ୍ରଦର୍ଶନ ଏବେ ତାଙ୍କ ପାଇଁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଘରୋଇ ପରିବେଶରେ ୨ଟି ଟେଷ୍ଟ ସିରିଜରେ ତାଙ୍କ ପ୍ରଶିକ୍ଷଣରେ ଭାରତ ହ୍ୱାଇଟୱାଶ ହୋଇଛି । ଆଗକୁ ହେବାକୁ ଥିବା ଟେଷ୍ଟ ସିରିଜରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେଥିପ୍ରତି ସେ ନିଶ୍ଚିତ ଯୋଜନା ପ୍ରସ୍ତୁତ କରୁଥିବେ ବୋଲି ବିସିସିଆଇର ଏହି ପୂର୍ବତନ ସଭାପତି କହିଛନ୍ତି ।






Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**